# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ• ମୂଲ୍ୟ-୫ଟଙ୍କା

VOL NO. - 12, ISSUE NO. - 01, DATE : 01.01.2025 - 15.01.2025 FORTNIGHTLY (ODIA), BHUBANESWAR. PAGES-08


## "ଏକ ଦେଶ ଏକ ନିର୍ବାଚନ" ରାଜନୈତିକ କ୍ଷମତା କେନ୍ଦ୍ରୀକରଣର ଏକ ଦୂରଭିସନ୍ଧିମୂଳକ ଯୋଜନା

ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନ ଗୋଟିଏ ସମୟରେ କରିବା ସଂକ୍ରାନ୍ତରେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନେତୃତ୍ୱରେ ଗଠିତ ଉଚ୍ଚସ୍ତରୀୟ କମିଟି ଦେଇଥିବା 'ଏକ ଦେଶ ଏକ ନିର୍ବାଚନ' ସୁପାରିସକୁ କେନ୍ଦ୍ରର ବିଜେପି ପରିଚାଳିତ ଏନ୍‌ଡିଏ ସରକାର ଅନୁମୋଦନ କରି ଲୋକସଭାର ଗତ ଶୀତକାଳୀନ ଅଧିବେଶନରେ ଆଗତ କରିଛନ୍ତି। ତେବେ ବିଲ ଆଗତ ବେଳେ ପ୍ରବଳ ବିରୋଧ ଓ ହଙ୍ଗାମା ହେବା ଯୋଗୁ ଶେଷରେ ଏହି ବିଲକୁ ସଂଯୁକ୍ତ ସଂସଦୀୟ କମିଟି(ଜେପିସି)କୁ ପଠାଇ ଦିଆଯାଇଛି ଓ ଜେପିସିରେ ଚର୍ଚ୍ଚା ହେବ। ପରେ ପୁନର୍ବାର ଏହାକୁ ସଂସଦରେ ଆଗତ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଘୋଷଣା କରିଛନ୍ତି। ତେବେ ପ୍ରଶ୍ନ ଉଠେ, ଏତେ ତତ୍ପରତାର ସହିତ ଏହି ବିଲ ଆଣିବାକୁ କେନ୍ଦ୍ର ସରକାର କାହିଁକି ଚାହୁଁଛନ୍ତି ? ଏହା ପଛରେ କି ଉଦ୍ଦେଶ୍ୟ ରହିଛି ? ସେଥିପାଇଁ ଏହି ବିଲର ବିଭିନ୍ନ ଦିଗ ସଂପର୍କରେ ବିଶଦ ଭାବେ ଚର୍ଚ୍ଚା ଆଲୋଚନା କରିବାର ଆବଶ୍ୟକତା ରହିଛି। ଏହାକୁ ଆଖି ଆଗରେ ରଖି ଏହି ସଂକ୍ଷିପ୍ତ ନିବନ୍ଧଟି ପ୍ରସ୍ତୁତ କରାଯାଇଛି।

**ସରକାରଙ୍କ ଯୁକ୍ତି ପଛରେ କେତେ ସତ୍ୟତା ଅଛି :**

କେନ୍ଦ୍ର ସରକାର 'ଏକ ଦେଶ ଏକ ନିର୍ବାଚନ' ସପକ୍ଷରେ ମୁଖ୍ୟତଃ ୩ଟି ଯୁକ୍ତି ଦେଇଛନ୍ତି। ନିର୍ବାଚନରେ ବ୍ୟୟ ହ୍ରାସ, ସରକାରଙ୍କର ବିକାଶମୂଳକ କାର୍ଯ୍ୟରେ ସର୍ବନିମ୍ନ ନୀତିଗତ ହସ୍ତକ୍ଷେପ ଓ ସୁରକ୍ଷାବଳର ଉତ୍ତମ ମୁତୟନ। ଏଥିସହିତ କୁହାଯାଉଛି, ସ୍ୱାଧୀନତାର ପରବର୍ତ୍ତୀ ପ୍ରାରମ୍ଭିକ ସମୟରେ ଉଭୟ ଲୋକସଭା ଓ ରାଜ୍ୟଗୁଡ଼ିକର ବିଧାନସଭା ନିର୍ବାଚନ ଏକା ସାଙ୍ଗରେ ଅନୁଷ୍ଠିତ ହେଉଥିଲା। ସେହି ପରମ୍ପରାକୁ ଫେରାଇ ଆଣିଲେ ଅସୁବିଧା କ'ଣ ?

ଯଦି ବାସ୍ତବ ପରିସ୍ଥିତିର ପରିପ୍ରେକ୍ଷୀରେ ସଠିକ ଯୁକ୍ତି ବିଚାର ଅନୁଯାୟୀ ସରକାରଙ୍କ ଉପରୋକ୍ତ ଯୁକ୍ତି ଗୁଡିକୁ ବିଶ୍ଳେଷଣ କରାଯାଏ ତେବେ ଦେଖାଯିବ ଏଗୁଡିକ କେତେ ଭ୍ରାନ୍ତ ଓ ପ୍ରତାରଣାପୂର୍ଣ୍ଣ।

ପ୍ରଥମତଃ, ଏକା ସାଙ୍ଗରେ ନିର୍ବାଚନ ହେଲେ ପ୍ରଚୁର ଅର୍ଥ ବଂଚିଯିବ ଓ ନିର୍ବାଚନୀ ବ୍ୟୟ ହ୍ରାସ ପାଇବ ଏ ସଂକ୍ରାନ୍ତୀୟ କୌଣସି ପ୍ରମାଣଯୋଗ୍ୟ ତଥ୍ୟ ସରକାର ଦେଇପାରି ନାହାନ୍ତି। ସେହିପରି ବିଭିନ୍ନ ସମୟରେ ନିର୍ବାଚନ ଯୋଗୁ ଜାରୀ କରାଯାଇଥିବା ଆଦର୍ଶ ଆଚରଣ ବିଧି ଯୋଗୁ ସରକାରଙ୍କ ବିକାଶମୂଳକ ଯୋଜନାଗୁଡିକ କାର୍ଯ୍ୟକାରୀ ହେବା କ୍ଷେତ୍ରରେ କିଭଳି ପ୍ରଶାସନିକ ସ୍ତରରେ ବାଧା ସୃଷ୍ଟି ହେଉଛି, ସେ ସଂପର୍କରେ ମଧ କୌଣସି ତଥ୍ୟ ଭିତ୍ତିକ ରିପୋର୍ଟ ସରକାର ଦେଇନାହାନ୍ତି। ଆଦର୍ଶ ଆଚରଣ ବିଧି କେବଳ ସାମୟିକ ଭାବେ ନୂତନ ଯୋଜନା ଘୋଷଣା କରିବା କ୍ଷେତ୍ରରେ ପ୍ରତିବନ୍ଧକତା ଲଗାଇଥାଏ। ମାତ୍ର ପୂର୍ବ ଯୋଜନାଗୁଡିକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ କୌଣସି ବାଧା ନଥାଏ। ଅନ୍ୟଦିଗରେ ନିର୍ବାଚନ ପାଇଁ ସୁରକ୍ଷା କର୍ମଚାରୀ ଓ ଅଧିକାରୀମାନଙ୍କର ମୁତୟନ ସରକାରଙ୍କ ବୃହତ୍ତର ଓ ସାମଗ୍ରିକ ପରିକଳ୍ପନା ତଥା ଦେଶର ନିରାପତ୍ତା ରକ୍ଷାର ସାମଗ୍ରିକ ଯୋଜନାର ଅଂଶ ବିଶେଷ। ସୁତରାଂ ବାରମ୍ବାର ନିର୍ବାଚନ ହେଲେ ସୁରକ୍ଷାବଳର ଉତ୍ତମ ମୁତୟନ ହେବ ବା ନିର୍ବାଚନୀ ବ୍ୟୟ ହ୍ରାସ ପାଇବ ଅଥବା ସରକାରୀ ବିକାଶମୂଳ କାମ ବିନା ପ୍ରତିବନ୍ଧକତାରେ ଦ୍ରୁତ ଭାବେ କାର୍ଯ୍ୟକାରୀ ହେବ, ଏହି ଦାବିର କୌଣସି ଯୌକ୍ତିକତା ନାହିଁ। ଅନ୍ୟଦିଗରେ ସ୍ୱାଧୀନତା ପରେ ଯେହେତୁ ଏକା ସମୟରେ ଲୋକସଭା ଓ ବିଧାନସଭା ନିର୍ବାଚନ ହେଉଥିଲା, ତେଣୁ ବର୍ତ୍ତମାନ ନହେବ କାହିଁକି, ଏ କଥା ହୁଏତ ଅନେକଙ୍କୁ ଯୁକ୍ତିଯୁକ୍ତ ଲାଗିପାରେ। ତେବେ ବର୍ତ୍ତମାନର ବାସ୍ତବ ସ୍ଥିତି କ'ଣ ? ବିଭିନ୍ନ କାରଣରୁ ମଝିରେ ମଝିରେ ଦଳବଦଳ ଯୋଗୁ ବା ଶାସକଦଳର ସଭ୍ୟ ଅଥବା ମେଣ୍ଟ ଦଳମାନଙ୍କର ସମର୍ଥନ ପ୍ରତ୍ୟାହାର ଯୋଗୁ ଉଭୟ କେନ୍ଦ୍ର ଓ ବିଭିନ୍ନ ରାଜ୍ୟର ସରକାରମାନ ମଝିରେ ମଝିରେ ଭାଙ୍ଗିଯାଉଛି। ଫଳରେ କେନ୍ଦ୍ରରେ ହେଉ ବା ରାଜ୍ୟରେ ବିଭିନ୍ନ ସମୟରେ ନିର୍ବାଚନ କରିବାର ଜରୁରୀ ଆବଶ୍ୟକତା ଦେଖାଦେଉଛି। ଫଳରେ ବିଭିନ୍ନ ସରକାରର ସମୟକାଳ ସର୍ବଦା ସ୍ଥିର ନଥାଏ ଓ ଭିନ୍ନ ଭିନ୍ନ ସମୟରେ ନିର୍ବାଚନ ହୋଇଥାଏ। ଯଦି 'ଏକ ଦେଶ ଏକ ନିର୍ବାଚନ' ନୀତି କାର୍ଯ୍ୟକାରୀ ହୁଏ, ତେବେ ବିଭିନ୍ନ ସରକାରଙ୍କ ସମୟକାଳକୁ ମଝିରୁ ହିଁ କାଣ୍ଟଛାଣ୍ଟ କରିବାକୁ ହେବ, ଯାହାକି ଖୁବ ଅନ୍ୟାୟ ହେବ ଓ ସାମ୍ବିଧାନିକ ନିୟମ ବିରୁଦ୍ଧରେ ଯିବ। ଉକ୍ତ ପ୍ରସଙ୍ଗରେ ସମ୍ବିଧାନ ପ୍ରଣୟନ ସଭାର ଜଣେ ବିଶିଷ୍ଟ ସଭ୍ୟ ସିବ୍‌ବୁନ ଲାଲା ସକ୍‌ସେନାଙ୍କ ଏକ ମନ୍ତବ୍ୟ ଖୁବ ପ୍ରାସଙ୍ଗିକ। "ଆମ ସମ୍ବିଧାନ ଅନୁଯାୟୀ ସମସ୍ତ ନିର୍ବାଚନ ଏକା ସାଙ୍ଗରେ ହେବ ନାହିଁ। ବିଭିନ୍ନ ବିଧାନସଭା ଓ ଲୋକସଭାରେ ଅନାସ୍ଥା ପ୍ରସ୍ତାବ ଗୃହୀତ ହେବା ଦ୍ୱାରା ଗୃହଭଙ୍ଗ ସହ ସାମଞ୍ଜସ୍ୟ ରଖି ଏହି ନିର୍ବାଚନଗୁଡିକ ଅନୁଷ୍ଠିତ ହେବ। ଆମେରିକା ଭଳି ଦେଶରେ ହେଉଥିବା ୪ବର୍ଷିଆ ସ୍ଥିର ନିର୍ବାଚନ ନୀତିକୁ ଆମ ସମ୍ବିଧାନ ଅନୁମତି ଦିଏ ନାହିଁ। ଏ ରାଜ୍ୟ ହେଉ ବା ସେ ରାଜ୍ୟ ହେଉ, ନିର୍ବାଚନ ସର୍ବଦା ଚାଲୁ ରହିବ।" ଏତାଦୃଶ ମତାମତ ଅନ୍ୟମାନେ ମଧ ଦେଇଛନ୍ତି। ସେଥିପାଇଁ ଏହି ନୀତିକୁ କାର୍ଯ୍ୟକାରୀ କରିବାକୁ ହେଲେ ବିଜେପି ସରକାରକୁ ସମ୍ବିଧାନର ଶେଷ ୫ଟି ଧାରାକୁ ସଂଶୋଧନ କରିବାକୁ ହେବ। ଏଥିରେ ଲୋକସଭାର ସମୟ ନିର୍ଘଣ୍ଟ ପାଇଁ ଥିବା ଧାରା ୮୩ ଏବଂ ରାଜ୍ୟ ବିଧାନସଭା ପାଇଁ ଥିବା ଧାରା ୧୩୨ ଅନ୍ତର୍ଭୁକ୍ତ।

**'ଏକ ଦେଶ ଏକ ନିର୍ବାଚନ' ଭାରତୀୟ ସଂଘୀୟ ବ୍ୟବସ୍ଥା ପ୍ରତି ବିପଦ :**

'ଏକ ଦେଶ ଏକ ନିର୍ବାଚନ' ବାସ୍ତବରେ ଭାରତୀୟ ସଂଘୀୟ ବ୍ୟବସ୍ଥା ପ୍ରତି ଏକ ବଡ ବିପଦ। ଏକ ଅଖଣ୍ଡ ସ୍ୱୈରାଚାରୀ ରାଷ୍ଟ୍ର ସପକ୍ଷରେ ଏହି ନୀତି ଭାରତର ବିଭିନ୍ନ ରାଜନୈତିକ ପରିଦୃଶ୍ୟ ଏବଂ ରାଜନୈତିକ ପ୍ରତିନିଧିତ୍ୱର ବିବିଧତାକୁ ଧ୍ୱଂସ କରିବ। ଆହୁରି ମଧ ଲୋକସଭା ନିର୍ବାଚନରେ ଜାତୀୟ ସ୍ତରର ସମସ୍ୟା ଅଧିକ ଗୁରୁତ୍ୱ ପାଉଥିବାବେଳେ ବିଧାନସଭା ନିର୍ବାଚନରେ ବହୁ ଆଂଚଳିକ ଓ ରାଜ୍ୟସ୍ତରୀୟ ସମସ୍ୟା ଅଧିକ ଗୁରୁତ୍ୱ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## ବିପର୍ଯ୍ୟସ୍ତ ସରକାରୀ ପ୍ରାଥମିକ ଶିକ୍ଷାର ଗତି କୁଆଡେ!

ସମାଜ ବିକାଶର ମାପକାଠି ହେଉଛି ଶିକ୍ଷା। ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ହେଉଛି ସମଗ୍ର ଶିକ୍ଷା ବ୍ୟବସ୍ଥାର ମୂଳଭିତ୍ତି। ତେଣୁ ସୁଦୃଢ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଗୋଟିଏ ଉନ୍ନତ ଦେଶ ଗଠନର ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଯଦି ଆମ ରାଜ୍ୟର ପ୍ରାଥମିକ ଶିକ୍ଷାର ସ୍ଥିତିକୁ ଲକ୍ଷ୍ୟ କରାଯାଏ ଜଣାଯିବ ଯେ ଏହା ବାଟବଣା ହୋଇଯାଇଛି। ଏହା ଯେ ଆପଣା ଛାଏଁ ହୋଇଯାଇଛି ତାହା ନୁହେଁ; ଶାସନ ଗାଦିରେ ଅଧିଷ୍ଠିତ ହୋଇଥିବା ସରକାରମାନେ ପ୍ରାଥମିକ ଶିକ୍ଷାକୁ ଜନସାଧାରଣଙ୍କ ହାତ ପାହାନ୍ତାରୁ ଦୂରେଇ ନେବା ପାଇଁ ଯେଉଁ ଲଗାତର ପ୍ରୟାସ ଜାରି ରଖିଛନ୍ତି ତାହାର ହିଁ ଏହା ପରିଣାମ।

୨୦୦-୨୦୦୯ ମସିହା ମଧ୍ୟରେ ବିଜେବି-ବିଜେଡି ମିଳିତ ସରକାର ଏବଂ ୨୦୦୯-୨୦୨୪ ବିଜେଡି ସରକାର ଏବଂ ୨୦୨୪ରେ ବିଜେପି ସରକାର ଓଡିଶାରେ ପ୍ରାଥମିକ ଶିକ୍ଷାର ବିକାଶ ଦିଗରେ କ'ଣ କରିଛନ୍ତି ବା କରୁଛନ୍ତି ତାହା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକୁ ଦେଖିଲେ ସ୍ପଷ୍ଟ ଭାବେ ଜଣାପଡେ। ପୂର୍ବରୁ କଂଗ୍ରେସ ଶାସନାଧିନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ବା ଡିପିଇପି ପ୍ରାଥମିକ ଶିକ୍ଷାର ସର୍ବନାଶ ପାଇଁ ପଥ ପ୍ରସ୍ତୁତ କରି ଦେଇଥିଲା। ପରବର୍ତ୍ତୀ ସରକାରମାନେ ସର୍ବ ଶିକ୍ଷା ଅଭିଯାନ ଯୋଜନାମାନ ପ୍ରସ୍ତୁତ କରି ଏହି ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିଥିଲେ। ସ୍କିମ୍‌ଗୁଡିକର ନାମକୁ ନେଇ ଯୋଜନା ପରେ ଯୋଜନା, ପ୍ରଚାରମୂଳକ କାର୍ଯ୍ୟକ୍ରମ ପଛରେ ପାଣି ଭଳି ଲୋକଙ୍କ ଟଙ୍କା ଖର୍ଚ୍ଚ କରାଗଲା। କିନ୍ତୁ ସରକାରୀ ପ୍ରାଥମିକ ଶିକ୍ଷା ରସାତଳଗାମୀ ହେବାକୁ ଲାଗିଲା। ଶିକ୍ଷାର ମାନଦଣ୍ଡ ନିମ୍ନଗାମୀ ହୋଇ ଚରମ ସୀମାରେ ପହଞ୍ଚିଯାଇଛି। 'ଆଜିର ଶିଶୁ କାଲିର ସମାଜର କର୍ଣ୍ଣଧାର' ଏହି କଥା ପ୍ରଚାର କରି କରି ହିଁ ଏହା କରାଗଲା। ଶିଶୁମାନଙ୍କୁ ଉତ୍ତମ ରୂପେ ଗଠନ କଲେ ସେମାନେ ଆଗାମୀ ଦିନରେ ସମାଜର ଦାୟିତ୍ୱ ନେବେ ଏକଥା ସମସ୍ତଙ୍କୁ ଜଣା।

ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁସଂଗଠିତ କରିବାକୁ ହେଲେ ସର୍ବପ୍ରଥମ ଆବଶ୍ୟକତା ହେଲା ଉନ୍ନତ ଓ ବିଜ୍ଞାନ ସମ୍ମତ ପାଠ୍ୟକ୍ରମ। ଏହା ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ସର୍ବାଙ୍ଗୀନ ଉନ୍ନତି ତଥା 'ମଣିଷ ତିଆରି ଓ ଚରିତ୍ର ଗଠନ' ପ୍ରକ୍ରିୟାକୁ ନିଶ୍ଚିତ କରିବ। ଏସବୁ ପ୍ରସ୍ତୁତ କରିବାର ଦାୟିତ୍ୱ ଅଭିଜ୍ଞତା ସଂପନ୍ନ ଶିକ୍ଷାବିତ୍ ଓ ଶିକ୍ଷକମାନଙ୍କ ଉପରେ ନ୍ୟସ୍ତ କରିବା ବିଧେୟ। କିନ୍ତୁ ବିଡମ୍ବନା ହେଲା ପାଠ୍ୟକ୍ରମ, ପାଠ୍ୟପୁସ୍ତକ ପ୍ରସ୍ତୁତିର ଦାୟିତ୍ୱ, ଶିକ୍ଷାଦାନ ପାଇଁ ଦିଆଯାଉଥିବା ତାଲିମର ରୂପରେଖ ଆଦି ଶିକ୍ଷା ବ୍ୟବସ୍ଥା ସହ ସଂପର୍କହୀନ ଅମଲାମାନଙ୍କ ଦ୍ୱାରା, ସରକାରୀ ପ୍ରଶାସନ ଦ୍ୱାରା, ଅମଲାତାନ୍ତ୍ରିକ ବ୍ୟବସ୍ଥା ଦ୍ୱାରା କରାଯାଉଛି। ଏହାଫଳରେ ପାଠ୍ୟକ୍ରମ, ଶିକ୍ଷାଦାନ ଓ ବିଦ୍ୟାଳୟ ପରିଚାଳନାରେ କୌଣସି ତାଳମେଳ ରହୁନାହିଁ ବରଂ ଏହାଦ୍ୱାରା ବିଦ୍ୟାଳୟ ଗୁଡିକରେ ପାଠପଢା ଭୀଷଣ ଭାବେ ବାଧାପ୍ରାପ୍ତ

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

## ଅଦିନିଆ ବର୍ଷାରେ ସର୍ବସ୍ୱାନ୍ତ ଚାଷୀ ଓ ପ୍ରଚାର ସର୍ବସ୍ୱ ରାଜ୍ୟ ସରକାର



ଲଗାତାର ଦୁଇଟି ଲଘୁଚାପ ଓ ଏହାଫଳରେ ଅଦିନିଆ ବର୍ଷାରେ ଉଜୁଡ଼ି ଯାଇଛି ଲକ୍ଷ ଲକ୍ଷ ଚାଷୀଙ୍କର ବର୍ଷତମାମ ପରିଶ୍ରମର ଫଳ। କ୍ଷେତରେ ପାଚିଲା ଧାନ , କଟା ହୋଇ ପଡିଥିବା କଚଡା, ଅମଳ ହୋଇପାରି ନ ଥିବା ଫସଲକୁ ଭାସୁଥିବା, ଗଜା ହୋଇଯିବା ଦେଖି କଟକ, ଯାଜପୁର, କେନ୍ଦ୍ରପଡା, ଜଗତସିଂହପୁର, ଗଞ୍ଜାମ, ଢେଙ୍କାନାଳ, ଦେବଗଡ, ଗଜପତି, କନ୍ଧମାଳ, କୋରାପୁଟ୍ଟ, ନବରଙ୍ଗପୁର, ନୟାଗଡ, ପୁରୀ ପ୍ରଭୃତି ବିଭିନ୍ନ ଜିଲାରେ କିଏ ହୃଦଘାତରେ କ୍ଷେତରେ ଟଳି ପଡିଚି , ତ କିଏ ଋଣ ବୋଝ, ପରିବାର ପ୍ରତିପୋଷଣ କଥା ଚିନ୍ତା କରି ବିଷ ପିଇ ଦେଇଛି, କିଏ ବେକରେ ରସି ଲଗାଇ ଦେଇଚି। ଏମିତି ୧୦ ରୁ ଉର୍ଦ୍ଧ୍ୱ ଗରିବ ଚାଷୀ ଆତ୍ମହତ୍ୟା କରିସାରିଲେଣି। କେବଳ ଧାନ ଫସଲ ଯେ ନଷ୍ଟ ହୋଇଛି ତା ନୁହେଁ, ପନିପରିବା, ରବି ଫସଲ ଯଥା ବିରି ମୁଗ କୋଳଥ ସବୁ କିଛି ପାଣି ରେ ନଷ୍ଟ ହୋଇଛି। ସରକାର କେବଳ ଟିଭି ଖବର

(ଅବଶିଷ୍ଟାଂଶ ୫ମ ପୃଷ୍ଠାରେ)

### ଭିତର ପୃଷ୍ଠାରେ


- ★ ବିଶ୍ୱର ପଂଚମ ବୃହତ ଅର୍ଥନୀତି! ବାସ୍ତବ ଅବସ୍ଥା ଦେଖି ପୁଞ୍ଜିବାଦୀ ପଣ୍ଡିତମାନେ ମଧ ଶଙ୍କାଗ୍ରସ୍ତ
- ★ ଆଇଟି କ୍ଷେତ୍ରର ଚାକଚକ୍ୟ ଓ ଚାପଗ୍ରସ୍ତ କର୍ମଚାରୀ
- ★ ଅପହଂଚ ସ୍ୱାସ୍ଥ୍ୟ ବ୍ୟବସ୍ଥା- ଗୋଟିଏ ପଟରେ କୂଅ ଅନ୍ୟପଟରେ ଖାଇ

# ବିଶ୍ୱର ପଂଚମ ବୃହତ ଅର୍ଥନୀତି ! ବାସ୍ତବ ଅବସ୍ଥା ଦେଖି ପୁଞ୍ଜିବାଦୀ ପଣ୍ଡିତମାନେ ମଧ୍ୟ ଶଙ୍କାଗ୍ରସ୍ତ

ଦେଶ ଆଗେଇ ଚାଲିଛି। ଆଗେଇ ଚାଲିଛୁଇଁ ଚାଲିଛି ଉନ୍ନୟନର ଶିଖର - ଏ ସବୁ ପ୍ରଚାର କରୁଛନ୍ତି କ୍ଷମତାସୀନ ବିଜେପିର ନେତାମାନେ। କେମିତି ଆଗଉଛି ଦେଶ ? ଏମିତି କି , ତଥ୍ୟ ପ୍ରଯୁକ୍ତି କ୍ଷେତ୍ରରେ ଶୀର୍ଷ ରେ ଥିବା ଇନଫୋସିସର ମୁଖ୍ୟ ନାରାୟଣ ମୂର୍ତ୍ତିଙ୍କୁ କର୍ପୋରେଟ କମ୍ପାନୀ ମାଲିକ ମାନଙ୍କ ଉଦ୍ଦେଶ୍ୟରେ କହିବାକୁ ପଡୁଛି, "ସହାନୁଭୂତିଶୀଳ ପୁଞ୍ଜିବାଦ (Compassionate Capitalism)" ଦରକାର। ଗତ ୧୫ ଡିସେମ୍ବରରେ ଇଣ୍ଡିଆନ ଚାମ୍ବର ଅଫ କମର୍ସ୍‌ର ଶତବର୍ଷ ପାଳନ କାର୍ଯ୍ୟକ୍ରମର ଉଦ୍‌ଘାଟନ ଉପଲକ୍ଷେ କୋଲକାତାର ଟାଉନ ହଲଠାରେ ଏକଚାଟିଆ ପୁଞ୍ଜିପତି ମାନଙ୍କ ନିକଟରେ ସେ ଏହି ଆବେଦନ କରିଛନ୍ତି । କେବଳ ସେ ନୁହଁନ୍ତି, କେନ୍ଦ୍ରୀୟ ବିଜେପି ସରକାରଙ୍କ ଅର୍ଥନୈତିକ ପରାମର୍ଶଦାତା ଅନନ୍ତ ନାଗେଶ୍ୱରନ କହିଛନ୍ତି, କୋଭିଡ ପରବର୍ତ୍ତୀ ସମୟରେ ଭୋଗ୍ୟ ପଣ୍ୟ(Consumer Goods)ର ବିକ୍ରିବଟା ଧିମା ଗତିରେ ହେଲେ ମଧ୍ୟ ବୃଦ୍ଧି ପାଉଛି। କିନ୍ତୁ ମଜୁରୀର ହାର ବୃଦ୍ଧି ଏତେ କମ ଯେ, ସେଥିରେ କୌଣସି ପ୍ରକାରେ ଚାହିଦା ବଢୁନି। ତାଙ୍କ ମତରେ ଆର୍ଥିକ ଅଭିବୃଦ୍ଧିର ପ୍ରଶ୍ନରେ ଏହା ହିଁ ମୂଳ ମୁଣ୍ଡ ବିନ୍ଧା। (Indian Express ୧୨.୧୨.୨୦୨୪)। ସେମାନେ ଏତେ ଚିନ୍ତିତ କାହିଁକି ? କିଛିଦିନ ଆଗରୁ ନାରାୟଣ ମୂର୍ତ୍ତି କହିଥିଲେ, ଦେଶର ଶ୍ରମିକ କର୍ମଚାରୀ ମାନେ ସପ୍ତାହରେ ଅନ୍ତତଃ ୭୦ ଘଣ୍ଟା କାମ କରିବା ଉଚିତ। ଅର୍ଥାତ, ତାଙ୍କର ପ୍ରେସକ୍ରିପସନ ଅନୁଯାୟୀ ସପ୍ତାହର ୬ଟି କାର୍ଯ୍ୟ ଦିବସରେ ଦୈନିକ ୧୨ ଘଣ୍ଟାରୁ ବେଶୀ କାମ କରିବାକୁ ପଡିବ। ଅବଶ୍ୟ ତାଙ୍କ କଥାରୁ ବୁଝା ପଡୁନି, ଅସଙ୍ଗଠିତ କ୍ଷେତ୍ର ର ଅଗଣିତ ଶ୍ରମିକ ମାନଙ୍କର ହାଡ ଭଙ୍ଗା ଖଟଣିର ଖବର ସେ କେତେଟା ରଖିଛନ୍ତି। ଏମିତି କି, ଆଇଟି କ୍ଷେତ୍ରର କର୍ମଚାରୀମାନେ କେତେ ସମୟ କାମ କରନ୍ତି ତାର ଖୋଜଖବର ସେ ରଖନ୍ତି କି ନାହିଁ ତାହା ଜଣା ନାହିଁ। ତେବେ ଗୋଟିଏ କଥା ଏଠାରେ ସ୍ମରଣ କରାଯାଇ ପାରେ ଯେ, ସମ୍ପ୍ରତି କର୍ପୋରେଟ କମ୍ପାନୀ ମାନଙ୍କରେ ଅତ୍ୟଧିକ କାର୍ଯ୍ୟ ଚାପ (work pressure) ଫଳରେ ଉଚ୍ଚପଦସ୍ଥ କର୍ମଚାରୀ ମାନଙ୍କର ମଧ୍ୟ ଅକାଳ ମୃତ୍ୟୁର ଏକାଧିକ ରିପୋର୍ଟ୍ ସମ୍ବାଦ ଗଣମାଧ୍ୟମରେ ଆସିଛି। ନାରାୟଣ ମୂର୍ତ୍ତି ସାହେବ ଏହାର କୌଣସି ପ୍ରତିକାର ଚାହିଁଛନ୍ତି ବୋଲି କେଉଁଠି ଖବର ନାହିଁ। କିନ୍ତୁ ଉଦାର ଅର୍ଥନୀତି, ମୁକ୍ତ ବଜାର ଅର୍ଥନୀତି ଦ୍ୱାରା ପୁଞ୍ଜିବାଦୀ ବ୍ୟବସ୍ଥାର ସମସ୍ତ ସଙ୍କଟ ଦୂର କରିବାର ଢୋଲ ଏତେଦିନ ଧରି ବଜେଇବା ପରେ 'ସହାନୁଭୂତିଶୀଳ' ହେବା ପାଇଁ ପୁଞ୍ଜିମାଲିକ ମାନଙ୍କ ପାଖରେ ଏମିତି କାତରତାର ସହିତ ଆବେଦନ କଣ ପାଇଁ ? ଅସଲରେ ଢୋଲ ଯେତେ ଯୋରରେ ବାଜୁ ନା କାହିଁକି, ଦିନ ପରେ ଦିନ ପୁଞ୍ଜିବାଦୀ ବଜାର ସଙ୍କଟ ଯେ ମାରାତ୍ମକ ରୂପ ଧାରଣ କରୁଛି ତାହା ନାରାୟଣ ମୂର୍ତ୍ତି ଙ୍କ ଭଳି କର୍ପୋରେଟ କର୍ତ୍ତା ମାନଙ୍କର ବୁଝିବାକୁ ଅସୁବିଧା ହେବା କଥା ନୁହେଁ। ସେଥିପାଇଁ ତାଙ୍କର ଏହି କାତର ଆବେଦନ। ପୁଞ୍ଜିବାଦୀ ବ୍ୟବସ୍ଥାର ଅସ୍ତିତ୍ୱର ସଙ୍କଟ ଦେଖା ଦେଇଛି। ଶ୍ରମିକ-କର୍ମଚାରୀ ମାନଙ୍କର ଆର୍ଥିକ ପରିସ୍ଥିତି ଯାହା, ସେଥିରେ ବଜାର ସମ୍ପ୍ରସାରଣ ଦୂରେ ଥାଉ ସାଧାରଣ ଭୋଗ୍ୟ ପଣ୍ୟର କ୍ରେତା ପାଇବା କଷ୍ଟକର। ସମଗ୍ର ଉତ୍ପାଦନ ବ୍ୟବସ୍ଥାକୁ ଯୁଦ୍ଧ ଅସ୍ତ୍ର ସଙ୍ଗେ ଯୁକ୍ତ କରି, ଯୁଦ୍ଧ ଅସ୍ତ୍ର କିମ୍ବା ସାମରିକ ଉପକରଣର ବ୍ୟବସାୟୀ ଏକଚାଟିଆ ମାଲିକ ମାନଙ୍କର ମୁନାଫାର ବ୍ୟବସ୍ଥା କରି ଦିଆଯାଇ ପାରେ ମାତ୍ର ସେଥିରେ ପୁଞ୍ଜିବାଦୀ ବ୍ୟବସ୍ଥାର ସାମଗ୍ରିକ ସଙ୍କଟ ଦୂର ହେବନାହିଁ।

ସଙ୍କଟଟା କେତେ ଯେ ଗମ୍ଭୀର ତାହା ମଣିଷର ଜୀବନକୁ ଦେଖି ବୁଝିବାକୁ ହେବ, କିନ୍ତୁ ଆଖିରେ ଆଙ୍ଗୁଠି ଦେଇ ପରିସ୍ଥିତିକୁ ସରକାରଙ୍କ ସମ୍ମୁଖରେ ତୋଳି ଧରିଛି କର୍ପୋରେଟ ମାଲିକ ମାନଙ୍କ ସଂସ୍ଥା ଫିକି ଏବଂ କର୍ମଚାରୀ ସରବରାହକାରୀ ସଂସ୍ଥା କୋୟର୍ସ ଗ୍ରୁପର ଯୌଥ ସମୀକ୍ଷା। ଏହି ଦୁଇ ସଂସ୍ଥା ସରକାରଙ୍କ ପାଖରେ ଜମା ଦେଇଥିବା ରିପୋର୍ଟ୍ ଦେଖାଇଛି - ୨୦୧୯ଠାରୁ ୨୦୨୩ ଏହି ଚାରି ବର୍ଷ ମଧ୍ୟରେ କର୍ପୋରେଟ ମାଲିକ ମାନଙ୍କ ମୁନାଫା ଚାରିଗୁଣା ବୃଦ୍ଧି ପାଇଛି। ୨୦୦୯ ଠାରୁ ୨୦୨୪ ଏହି ୧୫ ବର୍ଷ ମଧ୍ୟରେ ଏହା ସର୍ବୋଚ୍ଚ ମୁନାଫା। ଏକା ସମୟରେ କିନ୍ତୁ ଶ୍ରମିକ କର୍ମଚାରୀ ମାନଙ୍କ ବେତନ ଏବଂ ମଜୁରି କାର୍ଯ୍ୟତଃ କମିଛି। ଇଞ୍ଜିନିୟରିଂ, ମ୍ୟାନୁଫ୍ୟାକ୍‌ଚରିଂ, ପ୍ରୋସେସିଂ ଏବଂ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଏହି ମୂଳ କ୍ଷେତ୍ରଗୁଡିକରେ (EMPI) ଶ୍ରମିକ କର୍ମଚାରୀ ମାନଙ୍କ ଦରମା ମାତ୍ର ୦.୮୦ % ବଢିଛି। ବ୍ୟାଙ୍କ, ବୀମା, ଫାଇନାନ୍ସ କ୍ଷେତ୍ରରେ ଗତ ଚାରି ବର୍ଷରେ ଦରମା ବଢିଛି ମାତ୍ର ୨.୮%। ଆଇଟି, ପଣ୍ୟ ପରିବହନ, ରିଟେଲ୍ ଚେନ ଇତ୍ୟାଦି କ୍ଷେତ୍ରରେ ଦରମା ବଢିଛି ତିନି ରୁ ଚାରି ଶତାଂଶ। ନିତ୍ୟ ପ୍ରୟୋଜନୀୟ ଦ୍ରବ୍ୟ(FMCG) କମ୍ପାନୀ ଗୁଡିକରେ ଟିକେ ବେଶୀ,୫.୪% ଦରମା ବଢିଛି। ଏହା ଏତେ କମ ଯେ ଟଙ୍କା ହିସାବରେ ଦେଖିଲେ ଏହା ଅତି ସାମାନ୍ୟ। ଏହି ସମୟ ମଧ୍ୟରେ ମୂଲ୍ୟ ବୃଦ୍ଧି ର ହାର କେତେ ? ସରକାରୀ ତଥ୍ୟ ଅନୁସାରେ ଏହି ଚାରି ବର୍ଷ ମଧ୍ୟରେ ସରକାରଙ୍କର ସମସ୍ତ ଦାବି ସତ୍ତ୍ୱେ ମୁଦ୍ରାସ୍ଫୀତି ହାର ଶତକଡା ୬ରୁ କେବେବି କମ୍ ହୋଇନାହିଁ। ତାହେଲେ, ଶତାଂଶ ଅଙ୍କରେ କର୍ମଚାରୀ ମାନଙ୍କ ଦରମା ବାସ୍ତବ ରେ କେତେ ବୃଦ୍ଧି ହୋଇଛି ? ଅସଲରେ ମଜୁରି ଏବଂ ବେତନ କମିଛି । ପ୍ରତ୍ୟେକ କ୍ଷେତ୍ରରେ ଉଚ୍ଚ ଅଧିକାରୀ ମାନଙ୍କ ସହିତ ସାଧାରଣ କର୍ମଚାରୀ ମାନଙ୍କ ବେତନ ପାର୍ଥକ୍ୟ ଏତେ ବେଶୀ ଯେ ଏହି ସାମାନ୍ୟ ଶତାଂଶର ବୃଦ୍ଧି ପ୍ରକୃତରେ ସମସ୍ତ ସ୍ତରର କର୍ମଚାରୀ ମାନଙ୍କ ପାଇଁ ବୃଦ୍ଧି ନୁହେଁ। ଅର୍ଥନୀତିବିତ୍ ମାନଙ୍କ ମତରେ ସଂଗଠିତ କ୍ଷେତ୍ରରେ ବେତନ ବୃଦ୍ଧିର ହାର 'ନେତିବାଚକ'। ସିଧା କଥାରେ, ମାଲିକ ମାନଙ୍କ ଲାଭ ଯେତେ ବଢୁ ନା କାହିଁକି କର୍ମଚାରୀ ବେତନ କ୍ରମାଗତ କମୁଛି। (Indian Express 12.12.2024)

ଏହା ପ୍ରଦର୍ଶିତ କରି ଅନନ୍ତ ନାଗେଶ୍ୱରନ ୫ ଡିସେମ୍ବର ଆସୋଚାମ (ASSOCHAM)ର ଏକ ସଭାରେ ଖୁବ ଉଦ୍‌ବେଗର ସହିତ ଶିଳ୍ପପତି ମାନଙ୍କୁ କହିଛନ୍ତି ଯେ, ଶ୍ରମିକ ମାନଙ୍କୁ ଯଥେଷ୍ଟ ବେତନ ନ ଦେଲେ, ଯଥେଷ୍ଟ ସଂଖ୍ୟକ ଶ୍ରମିକ କାମରେ ନିୟୋଜିତ ନ କଲେ, ତାହା କର୍ପୋରେଟ ସେକ୍ଟର ପାଇଁ ଆତ୍ମଘାତୀ ହେବ। ସେ ଏହାର କାରଣ ବ୍ୟାଖ୍ୟା କରି ସେ କହିଛନ୍ତି, ଏହା ନ ହେଲେ ଅର୍ଥନୀତିରେ ଚାହିଦା ସୃଷ୍ଟି ହେବ ନାହିଁ, କର୍ପୋରେଟ ମାନେ ନିଜ ପଣ୍ୟ ବିକ୍ରି ପାଇଁ ବଜାର ପାଇବେ ନାହିଁ। ଖୋଦ ମୋଦୀ ସରକାରଙ୍କ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟାଙ୍କ ଉଦ୍‌ବେଗର ଅସଲ କାରଣଟା ନିଶ୍ଚୟ ବୁଝାପଡୁଛି। ସେ ଶ୍ରମିକ କର୍ମଚାରୀମାନଙ୍କ ଦୁର୍ଦ୍ଦଶା ନେଇ ଉଦବିଗ୍ନ ନୁହନ୍ତି – ଉଦ୍‌ବିଗ୍ନ ବୃହତ ପୁଞ୍ଜିମାଲିକ ମାନଙ୍କ ବଜାର ସଙ୍କଟ ନେଇ।

ଲଣ୍ଡନରେ ଅବସ୍ଥିତ ସମ୍ବାଦ ବିଶ୍ଳେଷଣ ସଂସ୍ଥା 'ଇଣ୍ଡିଆ ଆଇଏନସି' ସହିତ ସଂପୃକ୍ତ ଅର୍ଥନୀତି ବିଶାରଦ ମାନେ କହିଛନ୍ତି, ଭାରତର ବୃହତ୍ତର ଅର୍ଥନୈତିକ କ୍ଷେତ୍ରରେ ଗୋଟିଏ ବଡ ସମସ୍ୟା ହେଉଛି ଉପଯୁକ୍ତ ମଜୁରି ମିଳୁଥିବା କାମର ଅଭାବ। ଏମିତି କର୍ମ ସଂସ୍ଥାନର ଅଭାବ, ତା ସହିତ ଯେତିକି କାମ ଅଛି ସେହି କାମରେ ମଜୁରି ଅତି କମ୍। ବେକାରିତ୍ୱ ହାରର ହିସାବରେ ସରକାର ଯେତେ ବି ମିଛ ପ୍ରଚାର କରନ୍ତୁ ନା କାହିଁକି, ବେସରକାରୀ ସମୀକ୍ଷା ସଂସ୍ଥା 'ସିଏମଆଇ' ହିସାବରେ ଏହା ଥିଲା ୭.୯ ଶତାଂଶ। ୧୫ ରୁ ୨୬ ବର୍ଷ ଯୁବ ସମାଜକୁ ହିସାବକୁ ନେଲେ ଏହା ପ୍ରାୟ ୧୦.୫ ଶତାଂଶରେ ପହଂଚିବ। ଏହି ସମୀକ୍ଷା ଅନୁଯାୟୀ ଲେବର ଫୋର୍ସ ପାର୍ଟିସିପେଶନ ରେଟ ଅର୍ଥାତ କର୍ମକ୍ଷମ ମଣିଷ କେତେ ପ୍ରତିଶତ କାମ ପାଆନ୍ତି ତାର ହିସାବ ସେପ୍ଟେମ୍ବରରେ ଥିଲା ୪୧ ପ୍ରତିଶତ (forbsindia.com, ୧୭.୧୦.୨୦୨୪)। ଅର୍ଥାତ ଦେଶର କର୍ମ କ୍ଷମ ଜନ ସଂଖ୍ୟାର ୫୯% କୌଣସି ଆର୍ଥିକ ରୋଜଗାର କରିବା ଭଳି କାର୍ଯ୍ୟରେ ଯୁକ୍ତ ନୁହଁନ୍ତି । ଶ୍ରମବଜାରରେ ଏତେ ବିପୁଳ ଶ୍ରମ ଶକ୍ତିର ଯୋଗାଣ ରହିଲେ ପୁଞ୍ଜି ମାଲିକ ମାନେ ଅତି ଶସ୍ତାରେ ଶ୍ରମିକ ପାଇଯାନ୍ତି। ଯାହା ଫଳରେ ବର୍ତ୍ତମାନ ବେସରକାରୀ କ୍ଷେତ୍ର କଥା ତ ଅଲଗା ଖୋଦ ସରକରୀ କ୍ଷେତ୍ରରେ ସ୍ଥାୟୀ ଚାକିରି, ସୁନିର୍ଦ୍ଦିଷ୍ଟ ସ୍କେଲରେ ବେତନ, ସାମାଜିକ ସୁରକ୍ଷାର ସୁଯୋଗ ପ୍ରାୟ ବିଲୁପ୍ତି ପଥରେ। ଅର୍ଥନୈତିକ ଗବେଷକ ମାନେ ଦେଖାଇଛନ୍ତି- ୧୯୫୦ ରେ ଭାରତରେ ମୋଟ ଆଭ୍ୟନ୍ତରୀଣ ଉତ୍ପାଦନ ବା ଜିଡ଼ିପିର ପ୍ରାୟ ୦.୭୫ ଶତାଂଶ ମଜୁରି ବା ବେତନ ବାବଦ ଖର୍ଚ୍ଚ ହେଉଥିଲା, ୨୦୧୯ ରେ ଏହା ପହଂଚିଲା ୦.୫୦ ଶତାଂଶରେ (ଫ୍ରେଡ ଇକୋନୋମିକ୍ସ ଡାଟା, ସେଣ୍ଟ ଲୁଇଶ, ସୋର୍ସ- ଇଉନିଭର୍ସିଟି ଅଫ କାଲିଫର୍ନିୟା)। ଭାରତର ଜିଡ଼ିପିର ଆୟତନ ବଢିଛି। ଶ୍ରମିକ ଙ୍କ ସଂଖ୍ୟା ମଧ୍ୟ ୧୯୫୦ ମସିହା ତୁଳନାରେ ଅନେକ ବଢିଛି। ଅଥଚ ଶ୍ରମିକ ମାନଙ୍କର ମୋଟ ପ୍ରାପ୍ୟ କିନ୍ତୁ କମିଛି। ଶତାଂଶ ହିସାବରେ ପୁରା ବିଷୟଟା ବୁଝିବା କଷ୍ଟ। ମୂଲ୍ୟ ବୃଦ୍ଧିର ପ୍ରଭାବକୁ ହିସାବକୁ ନେଲେ ଟଙ୍କା ହିସାବରେ ସାଧାରଣ ଶ୍ରମିକର ଆୟ ମାରାତ୍ମକ ଭାବରେ କମିଛି। ଏ ଦେଶରେ ଗବେଷଣା ଦେଖାଇଛି-୧୯୯୦ ଦଶକର ପ୍ରାରମ୍ଭରେ ଅର୍ଥନୀତିର ଉଦାରିକରଣ ପରଠାରୁ ଉତ୍ପାଦିତ ମୂଲ୍ୟ ଅନୁସାରେ ଶ୍ରମିକର ଭାଗ କମିଛି।

କର୍ପୋରେଟ ପୁଞ୍ଜି ମାଲିକ ଓ ତାଙ୍କର ପ୍ରତିନିଧି ଅମଲା ମାନେ ଦୋଷାରୋପ କରନ୍ତି ଶ୍ରମିକ ମାନଙ୍କର ଉତ୍ପାଦନ କ୍ଷମତା ଉପରେ। ସେମାନଙ୍କ ଭାଷାରେ ଭାରତର ଶ୍ରମିକ ମାନଙ୍କର ଉତ୍ପାଦନ କ୍ଷମତା ଚୀନର ଶ୍ରମିକ ମାନଙ୍କଠାରୁ କମ୍। ସେଥିପାଇଁ ଭାରତର ଶ୍ରମିକ ମାନଙ୍କର ପ୍ରାପ୍ୟ କମ। କିନ୍ତୁ ସେମାନେ ଯଦି ଦୟା କରି କହିଥାନ୍ତେ ଉତ୍ପାଦନ କ୍ଷମତା କମ, ଅଥଚ ଏହି ଶ୍ରମିକ ବାହିନୀର ଶ୍ରମ ବିନିଯୋଗ କରି ଗତ ୧୫ ବର୍ଷ ମଧ୍ୟରେ ତାଙ୍କ ମୁନାଫା କିପରି ଭାବରେ ସର୍ବୋଚ୍ଚ ସ୍ତରରେ ପହଂଚିଛି ! କେଉଁ ଯାଦୁ ଫଳରେ କର୍ପୋରେଟ କମ୍ପାନୀ ମାନଙ୍କ ସିଇଓ ଠାରୁ ଏମ୍‌ଡି ଅର୍ଥାତ ମାଲିକ ମାନଙ୍କ ବେତନ ନାମରେ ପ୍ରାପ୍ୟ ଅଂଶ ବଢି ଯାଉଛି ? କେଉଁ ଯାଦୁ ଫଳରେ ଦେଶର ୧ ଶତାଂଶ ଧନକୁବେର ଜାତୀୟ ଆୟର ୬୦ ଭାଗ ଦାଖଲ କରିଛନ୍ତି ? କାହା ଶକ୍ତି ବଳରେ ଦେଶର ୪୦ ଭାଗ ମୋଟ ସଂପତ୍ତି ଧନକୁବେର ମାନଙ୍କ କବଳରେ ? ତାହା ଏମିତି ଯାଦୁ ଯାହା ଫଳରେ ଦେଶର ୫୦ ଭାଗ ଲୋକ ହାଡ ଭଙ୍ଗା ଖଟଣି ଖଟି ପାଆନ୍ତି ଜାତୀୟ ଆୟର ୧୩ ଶତାଂଶ। ସେମାନଙ୍କ ଭାଗରେ ପଡେ ମୋଟ ସମ୍ପଦର ମାତ୍ର ୬.୪ ଶତାଂଶ। (ଫ୍ରଣ୍ଟ ଲାଇନ୍ , ୨୩.୦୩.୨୦୨୪)।

ଏହି କମ ଉତ୍ପାଦନଶୀଳ ଶ୍ରମିକ ମାନେ ହିଁ ତ ଅସାମ୍ୟର ବୋଝ ବହନ କରି ଧନକୁବେର ମାନଙ୍କ ଧନର ପାହାଡ ଗଢିଛନ୍ତି। ସେମାନେ ହିଁ ନରେନ୍ଦ୍ର ମୋଦୀ ସାହେବଙ୍କ କଥିତ ଭାରତର ଆର୍ଥିକ ବୃଦ୍ଧିକୁ ବିଶ୍ୱର ପଂଚମ ସ୍ଥାନକୁ ନେଇ ଯାଇଛନ୍ତି। ଏହା ପରେ ମଧ୍ୟ ଶ୍ରମିକ ମାନଙ୍କର ଉତ୍ପାଦନଶୀଳତା ବଢେଇବାର ଲକ୍ଷରେ ସପ୍ତାହ କୁ ୭୦ ଘଣ୍ଟା କାର୍ଯ୍ୟ, ଶ୍ରମ କୋଡ ମାଧ୍ୟମରେ ଶ୍ରମିକ ମାନଙ୍କ ସବୁ ଅଧିକାର କାଢି ନେଇ ମୁହଁ ବନ୍ଦ କରି ଭାରବାହୀ ପଶୁ ସ୍ତରକୁ ପହଂଚାଇବାର ଅନେକ ଅପଚେଷ୍ଟା ଚାଲିଛି।

ଆଜି ପୁଞ୍ଜିବାଦୀ ବ୍ୟବସ୍ଥାର ସଙ୍କଟ ଏତେ ବଢି ଯାଇଛି ଯେ, ଧନକୁବେର ମାଲିକମାନେ ସେମାନଙ୍କ ସର୍ବୋଚ୍ଚ ମୁନାଫା ପାଇଁ ସାମାନ୍ୟତମ ସୁଯୋଗ ଛାଡିବାକୁ ରାଜି ନୁହଁନ୍ତି। ପୂର୍ବରୁ ଅନ୍ତତଃ ଶ୍ରମିକ ଯେମିତି ପର ଦିନ କାମକୁ ଆସିପାରେ ତା ପାଇଁ ତାଙ୍କୁ ବଂଚିବା ଭଳି ମଜୁରି ଦେବାର ଦାୟ ମାଲିକ ମାନଙ୍କର ଥିଲା। କିନ୍ତୁ ଆଜି ଅଣକୁଶଳୀ ଶ୍ରମିକ ମାନଙ୍କ କଥା ଛାଡନ୍ତୁ, ଦକ୍ଷ ଏମିତିକି ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ ଡିଗ୍ରୀଧାରି ମାନଙ୍କ ସଂଖ୍ୟା ଏତେ ବେଶି ଯେ , ଶ୍ରମ ବଜାରରେ ଅତି ଶସ୍ତାରେ ଏହି ଧରଣର ଶ୍ରମିକ ପାଇବାରେ କୌଣସି ଅସୁବିଧା ନାହିଁ। ପୁଞ୍ଜିବାଦୀ ପଣ୍ଡିତ ମାନେ ଦେଖାଇବାକୁ ଚାହାନ୍ତି, ଶ୍ରମର ଉତ୍ପାଦନଶୀଳତା କମ ସେଥି ପାଇଁ ତାଙ୍କର ମଜୁରି କମ ! ଅଥଚ ୧୮୪୭-୪୮ ମସିହାରେ ଶ୍ରମିକମାନଙ୍କ ମୁକ୍ତି ପଥର ଦିଶାରି ମହାନ କାର୍ଲ ମାର୍କ୍ସ ବିଜ୍ଞାନ ସମ୍ମତ ବିଶ୍ଳେଷଣ ମାଧ୍ୟମରେ ଦେଖାଇ ଦେଇ ଯାଇଛନ୍ତି,' ଉତ୍ପାଦନଶୀଳ ପୁଞ୍ଜି ଯେତେ ବଢିବ, ଶ୍ରମ ବିଭାଜନ ଏବଂ ଯନ୍ତ୍ରପାତି ପ୍ରଚଳନର ପ୍ରସାର ସେତେ ହେବ। ଶ୍ରମ ବିଭାଗ ଏବଂ ଯନ୍ତ୍ରପାତିର ବ୍ୟବହାର ଯେତେ ବୃଦ୍ଧି ପାଇବ, ଶ୍ରମିକ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ସେତେ ବଢେ, ମଜୁରି ସେହି ଅନୁସାରେ କମି ଯାଏ। (କାର୍ଲ ମାର୍କ୍ସ – ମଜୁରି -ଶ୍ରମ ଓ ପୁଞ୍ଜି)। ସେହି ରଚନାରେ ମାର୍କ୍ସ ଦେଖାଇଛନ୍ତି ଶ୍ରମିକର ଉତ୍ପାଦନଶୀଳତା ବଢିଲେ ବା ଯନ୍ତ୍ରପାତିର ଉନ୍ନତି ହେଲେ ସମ ପରିମାଣ ଶ୍ରମ ସାହାଯ୍ୟରେ ପୁଞ୍ଜିପତି ମାନେ ଅଧିକ ବିନିମୟ ମୂଲ୍ୟ ଅର୍ଜନ କରନ୍ତି। ଏହି କ୍ଷେତ୍ରରେ ନେଟ ଲାଭ ଯେତେ ବଢେ ତାର ଅନୁପାତରେ ମଜୁରି କମିଯାଏ। ସେ ଦର୍ଶାଇଛନ୍ତି 'ମୁନାଫା ବଢି ଯିବା ଫଳରେ ମଜୁରିଟା କମ ହୋଇଗଲା'। ଏଠାରେ ଉତ୍ପାଦନଶୀଳ ପୁଞ୍ଜି କହିଲେ ଯନ୍ତ୍ରପାତିର ଉନ୍ନତି, ଶ୍ରମିକର ଦକ୍ଷତା, ତାର ଉତ୍ପାଦନଶୀଳତା ଇତ୍ୟାଦି ବୃଦ୍ଧିର କଥା କୁହାଯାଇଛି। ତା ହେଲେ କମ 'ଉତ୍ପାଦନଶୀଳ' ସେଥିପାଇଁ ଶ୍ରମିକର ମଜୁରି କମ ହେଉଛି, ଏହି ତତ୍ତ୍ୱ ଠିକ କି ? ବରଂ ସତ୍ୟଟା ଠିକ ବିପରୀତ। ଲାଭ ସର୍ବୋଚ୍ଚ ସ୍ତରରେ ପହଂଚିଥିଲେ ମଧ୍ୟ ପୁଞ୍ଜିର ଅନ୍ୟ କୌଣସି କ୍ଷେତ୍ରରେ ହାତ ଦିଆ ଯାଉ ନହିଁ। ଏକମାତ୍ର ଶ୍ରମିକକୁ ନ୍ୟାଯ୍ୟ ପ୍ରାପ୍ୟରୁ ବଂଚିତ କରାଯାଇ ମୁନାଫା ବଢାଯାଉଛି ।

ଏହିଠାରେ ହିଁ ମୂର୍ତ୍ତି ସାହେବ କିମ୍ବା ଅନନ୍ତ ନାଗେଶ୍ୱରନ ସାହେବଙ୍କ ଆଶଙ୍କା, ସେମାନେ ପୁଞ୍ଜିବାଦର ସାମଗ୍ରିକ ସ୍ୱାର୍ଥ ର କଥା ଭାବି ଟିକିଏ ମାନବିକ ଲେପ ଲଗାଇ ଶୋଷଣର କ୍ଷତଟା କୁ ଦେଖିବାକୁ ଚାହାନ୍ତି । ସହାନୁଭୂତିଶୀଳ ପୁଞ୍ଜିବାଦ (Compassionate Capitalism), କ୍ୟାପିଟାଲିଜିମ୍ ଉଇଥ ହ୍ୟୁମାନ ଫେସ୍ – ଏ ସବୁକଥା ପ୍ରଥମ କରି ଶୁଣା ଯାଉ ନାହିଁ। ବହୁଦିନ ଧରି ଦଳେ ପୁଞ୍ଜିବାଦୀ ତାତ୍ତ୍ୱିକ କହି ଆସୁଛନ୍ତି , ସମାଜରେ ବିପୁଳ ଆର୍ଥିକ ବୈଷମ୍ୟ ହ୍ରାସ କରିବା ପାଇଁ କିଛିଟା ଧନ ବଣ୍ଟନର ରାସ୍ତାରେ ଚାଲିବାକୁ ହେବ। ବୁର୍ଜୁଆ ଅର୍ଥନୀତବିଦ କେନ୍‌ସଙ୍କଠାରୁ ଆରମ୍ଭ କରି ବର୍ତ୍ତମାନର ଟମାସ ପିକେଟି କିମ୍ବା ନୋବେଲ ପୁରସ୍କାର ପ୍ରାପ୍ତ ଏକାଧିକ ଅର୍ଥନୀତିବିଦ କହିଚାଲିଛନ୍ତି ପୁଞ୍ଜିପତିମାନେ ମୁନାଫା ଅର୍ଜନ କରନ୍ତୁ, କିନ୍ତୁ ଦେଶର ମଣିଷଙ୍କ ହାତରେ ଅନ୍ତତଃ କିଛି ଅର୍ଥ ଦିଆଯାଉ। ନଚେତ, ସଙ୍କଟ ଭାରରେ ଅଚିରେ ପୁରା ବ୍ୟବସ୍ଥାଟା ଭାଙ୍ଗି ପଡିବ। ସରକାର ଗୁଡିକ କିଛି କିଛି ସରକାରୀ ଖରଚ ବଢାଇ, ଯୁକ୍ତରାଷ୍ଟ୍ର ଆମେରିକା ଭଳି ଫୁଡ୍ କୁପନ ଦେଇ, ଭାରତ ଭଳି ବିନା ମୂଲ୍ୟରେ ଚାଉଳ ଦେଇ, ଲକ୍ଷ୍ମୀଙ୍କ ଭଣ୍ଡାର, ମିଶନ ଶକ୍ତି ବା ସୁଭଦ୍ରା ଯୋଜନା ଇତ୍ୟାଦି ମାଧ୍ୟମରେ ମଣିଷକୁ ଢୋକେ ପିଇ ଦଣ୍ଡେ ଜିଆଇ ରଖିବାକୁ ଚେଷ୍ଟା କରୁଛି।

ନାରାୟଣ ମୂର୍ତ୍ତି ସାହେବ ମାନଙ୍କ ପ୍ରେସକ୍ରିପସନରେ ହୁଏତ କିଛି କର୍ପୋରେଟ ମାଲିକ ବସ୍ତ୍ର ବିତରଣ ବା ଲଙ୍ଗରଖାନା ଭଳି ସେବା ଆରମ୍ଭ କରି ପାରନ୍ତି। କିନ୍ତୁ, ପୁଞ୍ଜିବାଦୀ ବ୍ୟବସ୍ଥାର ନିୟମ କହୁଛି ମାଲିକର ମୁନାଫା ବଢିଲେ ଶ୍ରମିକର ଆୟ କମିବ। ଏକଚାଟିଆ ପୁଞ୍ଜି ଛୋଟ ପୁଞ୍ଜିକୁ କ୍ରମଶଃ ଗ୍ରାସ କରିବ। ଦୁଇ ଚାରିଟା କ୍ଷତ ସ୍ଥାନରେ ମଲମ ଲେପ ଲଗାଇ ଏହି ପୁଞ୍ଜିବାଦୀ ବ୍ୟବସ୍ଥାର ପୁରା ପଚା ଦେହଟାକୁ ଘୋଡାଇ ରଖିବାର ଚେଷ୍ଟା ନିଛକ ବାତୁଳତା। ପ୍ରଚଳିତ ବ୍ୟବସ୍ଥା ମଧ୍ୟରେ ଏହି ସଂକଟର ହାତରୁ ମୁକ୍ତି ପାଇବାର କଳ୍ପନା ସଂପୂର୍ଣ୍ଣ ଅବାସ୍ତବ।

★ ★ ★

# ଆଇଟି କ୍ଷେତ୍ରର ଚାକଚକ୍ୟ ଓ ଚାପଗ୍ରସ୍ତ କର୍ମଚାରୀ

ଚାରିବର୍ଷ ଇଞ୍ଜିନିୟରିଂ ଶେଷ କରିବା ପରେ ପ୍ରଶାନ୍ତ ମୁମ୍ବାଇ ପହଂଚିଲେ ତାଙ୍କର ସୁନେଲି ସ୍ୱପ୍ନକୁ ସାକାର କରିବା ପାଇଁ। ମାସେ କାଳ ଘୁରିବା ପରେ ମୋଟା ଅଙ୍କର ଦରମାରେ ଚାକିରୀ ମିଳିଲା, ରହିଲେ ଆକାଶଚୁମ୍ବୀ ଫ୍ଲାଟ୍‌ର ବାର ମହଲା ଘରେ। ଖାଇବା ପିଇବା ଯଥେଷ୍ଟ ଉନ୍ନତ। ବର୍ଷେ ଦୁଇବର୍ଷ ମଧ୍ୟରେ ପ୍ରମୋଶନ ହେବାର ସମ୍ଭାବନା ମଧ୍ୟ ଅଛି। ତେଣୁ ଅଚିନ୍ତାରେ ସେ ଚାକିରୀରେ ଯୋଗ ଦେଇଥିଲେ। କିଛି ମାସ ପରେ ଆରମ୍ଭ ହେଲା ମାଲିକର ଦୁର୍ବ୍ୟବହାର। କାମ ଚାପ ମଧ୍ୟ ବଢ଼ିଲା। ବିଭିନ୍ନ ଆଳରେ ଦରମା ମଧ୍ୟ କଟିଲା। ତା'ପରେ କମ୍ପାନୀର ଲାଭ ହେଉନି ଆଳରେ ଚାକିରୀରୁ ବରଖାସ୍ତ। ପ୍ରଶାନ୍ତର ସ୍ୱପ୍ନ ଚୁରମାର ହେଲା। ଆତ୍ମୀୟ ସ୍ୱଜନଙ୍କୁ କି ମୁହଁ ଦେଖାଇବ? ଅବସାଦଗ୍ରସ୍ତ ପ୍ରଶାନ୍ତ ଆତ୍ମହତ୍ୟାର ରାସ୍ତା ବାଛିନେଲେ।

ଅନ୍ୟଜଣେ ଆଇଟି 'ପ୍ରଫେସନାଲ' କୋଲକତାରେ ନୂଆ କମ୍ପାନୀରେ ଯୋଗ ଦେଇଥିଲେ। ସେଠାରେ କର୍ତ୍ତୃପକ୍ଷ ନାନା ପ୍ରକାର ହଇରାଣ ହରକତ କଲେ। ପୁଣି କାମରୁ ବାହାର କରିଦେବାର ଧମକ। ଦିନେ ଉଚ୍ଚ ପଦାଧିକାରୀଙ୍କ ସହିତ ତର୍କବିତର୍କ। ଫଳରେ କାମରୁ ଛଟେଇ। ଘରେ ମା' ଅବସରପ୍ରାପ୍ତ ବାପା, ସ୍ତ୍ରୀ ଓ ଶିଶୁସନ୍ତାନ। ସଂସାର ଚାଲିବ କେମିତି? ଉପାୟ ଶୂନ୍ୟ ଭାବେ ଅବସାଦ ଆହୁରି ବଢ଼ିଯାଇଥିଲା। ମନୋବିଜ୍ଞାନୀଙ୍କ ପରାମର୍ଶ ହେଉଛି ତାଙ୍କର ଆତ୍ମୀୟସ୍ୱଜନଙ୍କ ନଜରରେ ସର୍ବଦା ରହିବା ଉଚିତ।

ରଜନୀଶ ଏକ ନାମୀ ତଥ୍ୟ ପ୍ରଯୁକ୍ତି କମ୍ପାନୀର ନିଯୁକ୍ତି ପତ୍ର ପାଇ ଅନେକ ସ୍ୱପ୍ନ ନେଇ ଏଥିରେ ଯୋଗ ଦେଇଥିଲେ। ବିଷମ ପରିସ୍ଥିତିରେ ସେ ପଡ଼ିଲେ। କାମ ସମୟରେ ଅତ୍ୟନ୍ତ ପ୍ରୟୋଜନରେ ମଧ୍ୟ ବାହାରକୁ ଫୋନ କରିବା ମନା। ସହକର୍ମୀଙ୍କ ସହିତ କଥାବାର୍ତ୍ତା ମନା। ବାଥରୁମ କିମ୍ବା ଖାଇବା ସମୟକୁ ହିସାବ କରି ଦରମା କଟାଯାଏ। ଅନବରତ ନଜର ବନ୍ଦୀ ମଧ୍ୟରେ ଚାକିରୀ କରିବାକୁ ପଡ଼େ। ଶ୍ରମ ଆଇନ ଏଠାରେ କାମ କରେ ନାହିଁ। ଅନ୍ୟାୟ, ଜୁଲୁମ ଯେତେହେଲେ ବି କିଛି କରିବାର ନାହିଁ। କାରଣ ପ୍ରତିବାଦ କଲେ ଛଟେଇ ହେବ ହିଁ ହେବ। ରଜନୀଶ ଜାଣେ ଯେ ଦିବାରାତ୍ରୀ ଅନେକ ବେକାର ଯୁବକ କାମ ପାଇଁ ଘୁରି ବୁଲୁଛନ୍ତି। ଅଗତ୍ୟା କର୍ମସ୍ଥଳୀର ଅସ୍ୱାଭାବିକ କାମର ଚାପରେ ସେ ମାନସିକ ରୋଗରେ ଆକ୍ରାନ୍ତ ହେଲେ। ଏସବୁ କେତୋଟି ଉଦାହରଣ ମାତ୍ର।

ଅସହନୀୟ ପରିବେଶରେ ଚୁପ ରହି କାମ କରିବାକୁ ବାଧ୍ୟ ହୋଇ ସଂପ୍ରତି ମର୍ମାନ୍ତିକ ପରିଣତି ଘଟିଛି ୨୫ବର୍ଷର ଯୁବକ ସୌରଭ କୁମାର ଲାଡ୍ଡାଙ୍କ ଜୀବନରେ। ମୁମ୍ବାଇର ମ୍ୟାକେନ୍‌ସି କମ୍ପାନୀରେ ସେ କର୍ମରତ ଥିଲେ। ଆଇଆଇଟି ଓ ଆଇଆଇଏମ୍ ଡିଗ୍ରୀଧାରୀ ଏଇ ସୌରଭ। ଚାକିରି ପାଇବାର ଅଳ୍ପ ଦିନର ବ୍ୟବଧାନରେ 'କର୍ମକ୍ଷେତ୍ରରେ ଚାପ'ର କାରଣରୁ ଆତ୍ମହତ୍ୟା କରିବାକୁ ବାଧ ହୋଇଛନ୍ତି।

କର୍ମକ୍ଷେତ୍ରର ଅସହନୀୟ ପରିବେଶ କାରଣରୁ ପୁନାସ୍ଥିତ ଗୋଟିଏ ବହୁଜାତିକ କମ୍ପାନୀରେ କର୍ମରତ ୨୬ବର୍ଷ ବୟସ୍କା ଚାଟାର୍ଡ ଆକାଉଟାଣ୍ଟ ଅନୀତା ସେବାଷ୍ଟିଆନ୍‌ଙ୍କ ସଂପ୍ରତି ଆତ୍ମହତ୍ୟା ଗଣମାଧ୍ୟମରେ ବ୍ୟାପକ ପ୍ରଚାରିତ ହୋଇଛି। କାମର ଅସହନୀୟ ଚାପରେ ଚିନ୍ତାଗ୍ରସ୍ତ ହେବା, ସମୟାନୁସାରେ ଖାଦ୍ୟପେୟ ଗ୍ରହଣ କରିବାପାଇଁ ଅକ୍ଷମ ହେବାଯୋଗୁ ଶାରିରୀକ ଅସୁସ୍ଥତା ଓ ମାନସିକ ଚାପର ଶିକାର ହୋଇ ଚାକିରୀର ଚାରିମାସ ମଧ୍ୟରେ ହୃଦରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି ସଂପ୍ରତି ଅନ୍ୟଜଣେ ଆଇଟି ଇଂଜିନିୟର। ଏମାନେ କେହି ଦିନ ମଜୁରିଆ ନୁହଁନ୍ତି। ସମସ୍ତେ ହେଉଛନ୍ତି ଧୋବଧବଳିଆ କର୍ମଚାରୀ। ଏମାନଙ୍କ ମଧ୍ୟରେ ଅଧିକାଂଶ ମୋଟା ଅଙ୍କର ଦରମା ପାଆନ୍ତି। ସୁଟ୍ ବୁଟ୍ ପିନ୍ଧି, ଲାପଟପ୍ କାନ୍ଧରେ ଝୁଲାଇ ଅଫିସ ଯାଆନ୍ତି। ଏସି ରୁମରେ ବସି କାମ କରନ୍ତି। ବାହାରକୁ ଜଣାପଡେ ଏମାନେ ନିଶ୍ଚିତ ନିରାପଦ ଜୀବନ ବିତାନ୍ତି। ପ୍ରକୃତରେ ଏମାନେ ପ୍ରତିମୁହୂର୍ତ୍ତରେ ସଂକଟ ମଧ୍ୟରେ ଅଛନ୍ତି। ଘୋର ଅନିଶ୍ଚିତତା ମଧ୍ୟରେ ଏମାନେ ଦିନ କାଟୁଛନ୍ତି। ଦିନରେ ୧୨/୧୩ ଘଣ୍ଟା କାମ କରନ୍ତି। ଛୁଟି ଦିନରେ ମଧ୍ୟ କାମର ଚାପ। ଖାଇବା, ପିଇବା, ବିଶ୍ରାମର ନିର୍ଦ୍ଦିଷ୍ଟ ସମୟର ଅଭାବ, କର୍ତ୍ତୃପକ୍ଷଙ୍କର ଦୁର୍ବ୍ୟବହାର। ଏହିଭଳି ପରିସ୍ଥିତିରେ ସର୍ବଦା ମାନସିକ ଚାପରେ ବିପର୍ଯ୍ୟସ୍ତ ହୋଇ ରହିଥାଆନ୍ତି ଏହି କର୍ମଚାରୀମାନେ।

ହୃଦୟ ବିଦାରକ ଘଟଣା ହେଉଛି ସାରାବିଶ୍ୱରେ ୭.୫ଲକ୍ଷ ଜଣ କର୍ମକ୍ଷେତ୍ରର ଅସହନୀୟ ଚାପ ପାଇଁ ମୃତ୍ୟୁ ବରଣ କରିଛନ୍ତି। ତା' ମଧ୍ୟରୁ ୭୦ଶତାଂଶ ହେଉଛନ୍ତି ଧୋବଧୋବଳିଆ(ହ୍ୱାଇଟ୍ କୋଲାର) କର୍ମଚାରୀ। ଡାକ୍ତର, ଇଞ୍ଜିନିୟର, ଆଇନଜୀବୀ, ଶିକ୍ଷକ ଓ ଅଫିସ କର୍ମୀ। ଭାରତର ୫୫ ଶତାଂଶ ଲୋକ କର୍ମକ୍ଷେତ୍ରରେ 'ବୁଲିଂ'ର ଶୀକାର ହେଉଛନ୍ତି। ଅର୍ଥାତ୍ କର୍ତ୍ତୃପକ୍ଷ ଦ୍ୱାରା ଅପଦସ୍ଥ ଓ ଅପମାନିତ ହେଉଛନ୍ତି। ଏହା ହେଉଛି ୟୁନିସନ୍‌ର ସମୀକ୍ଷା। ବିଶ୍ୱରେ ୨୩ଶତାଂଶ କର୍ମକ୍ଷେତ୍ରରେ ଅପଦସ୍ଥ ଓ ଅପମାନିତ ହୁଅନ୍ତି। ଭାରତରେ ଏହା ବିଶ୍ୱ ହାରାହାରିର ଦଇଗୁଣରୁ ଅଧିକ। ସାପ୍ତାହିକ କାମର ସମୟ ସାରା ବିଶ୍ୱରେ ଭାରତର ସ୍ଥାନ ଚତୁର୍ଥ। ଯାହା ସପ୍ତାହକୁ ପ୍ରାୟ ୪୬.୭ଘଣ୍ଟା। କେନ୍ଦ୍ରୀୟ ଶ୍ରମ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ୨୦୨୪ରେ କାମ ଚାପରେ ଭାରାକ୍ରାନ୍ତ କର୍ମଚାରୀଙ୍କ ସଂଖ୍ୟା ଭାରତର ସବୁଠୁ ଅଧିକ। 'ଗ୍ୟାଲପ-୨୦୨୪'ର ରିପୋର୍ଟ ଅନୁଯାୟୀ ଭାରତରେ ୯୦ଶତାଂଶ କର୍ମଚାରୀ କର୍ମକ୍ଷେତ୍ରରେ ନାନାଦି ସମସ୍ୟାରେ ପଡ଼ିଛନ୍ତି। ୭୦ଶତାଂଶ ଅସୁଖୀ। ୫୪ଶତାଂଶ କାମ ଛାଡ଼ିଦେବା କଥା ଭାବୁଛନ୍ତି। ୨୦୨୩ ଆଇଏଲ୍‌ଓ ରିପୋର୍ଟ ଅନୁଯାୟୀ ଦକ୍ଷିଣ ଏସିଆ ଦେଶ ମଧ୍ୟରେ ଭାରତର ସାପ୍ତାହିକ କାର୍ଯ୍ୟର ଘଣ୍ଟା ସବୁଠାରୁ ଅଧିକ। ଅଥଚ ମୁଣ୍ଡପିଛା ଆୟ ଅତି କମ। ଷ୍ଟାର୍ଟ ଅପ କମ୍ପାନୀ ମାନଙ୍କରେ କାମର ସମୟ ଆହୁରି ଅଧିକ। ଦରମା ମଧ୍ୟ କମ। ସବୁକ୍ଷେତ୍ରରେ ମହିଳାମାନେ ସବୁଠାରୁ ଅଧିକ ହିନସ୍ତା ହୁଅନ୍ତି ବେଶୀ।

ସରକାରୀ କ୍ଷେତ୍ରରେ ଚାକିରୀର ନିରାପତ୍ତା ୟୁନିୟନ କରିବାର ଅଧିକାର କିଛି ହେଲେ ଅଧିକାର ରହିଛି। ବେସରକାରୀ କ୍ଷେତ୍ରରେ ମୋଟା ଦରମାର ଲୋଭ ଦେଖାଇ କର୍ମୀ ନିଯୁକ୍ତି କରାହୁଏ। ଶ୍ରମ ଆଇନକୁ ବେଖାତିର କରି କର୍ପୋରେଟ୍ ସଂସ୍ଥାମାନେ କର୍ମଚାରୀଙ୍କୁ କ୍ରୀତଦାସ ଭଳି ଖଟାନ୍ତି। ଏମାନେ ଆଧୁନିକ ଯୁଗର 'ଦାସ' ଭାବରେ ନିଜକୁ ତିଳ ତିଳ କରି ନିଃଶେଷ କରିଦେଇ ମାଲିକର ଶୋଷଣ ଯନ୍ତ୍ରକୁ ସଚଳ ରଖନ୍ତି। ଭାରତରେ ୯୦ଶତାଂଶ କାମ କରନ୍ତି ଅସଂଗଠିତ କ୍ଷେତ୍ରରେ। ଏହି କ୍ଷେତ୍ର ଗୁଡ଼ିକରେ ମାଲିକମାନେ ବେପରୁଆ ଭାବେ କର୍ମୀଙ୍କୁ ଶୋଷଣ କରିଚାଲନ୍ତି। ବର୍ତ୍ତମାନ ନିଯୁକ୍ତି କ୍ଷେତ୍ରରେ ଯେଉଁ ଆଇନ ରହିଛି ତାକୁ ବେଖାତିର କରି ଚୁକ୍ତିଭିତ୍ତିରେ ସ୍ୱଳ୍ପ ବେତନରେ କର୍ତ୍ତୃପକ୍ଷ ନିଯୁକ୍ତି ଦେଉଛନ୍ତି। ଟାର୍ଗେଟ୍ ପୂରଣ କରିବା ପାଇଁ ଶେଷ ରକ୍ତ ବିନ୍ଦୁ ଦେଇ କର୍ମଚାରୀମାନଙ୍କୁ କାମ କରିବାକୁ ହୁଏ। ତା ସତ୍ତ୍ୱେ ମଧ୍ୟ କର୍ମଚାରୀମାନଙ୍କୁ ଦୁଶ୍ଚିନ୍ତାରେ ରହିବାକୁ ହୁଏ। କାରଣ କେଉଁ ମୁହୂର୍ତ୍ତରେ ଛଟେଇର ଖଡ୍‌ଗ ନଇଁ ଆସିପାରେ। ବହୁ କମ୍ପାନୀରେ ଅସହନୀୟ ପରିବେଶରେ କାମ କରେଇ କାମର ମାନ ଯଦି ନିମ୍ନ ହୁଏ ତା'ହେଲେ ଅପମାନ କରି ଛଟେଇ କରାହୁଏ। ଏହାକୁ କର୍ପୋରେଟ୍ ଭାଷାରେ 'Weeding Out' କୁହାଯାଏ। ଅର୍ଥାତ୍ ବଚିଚାରୁ 'ଅନାବନା ଘାସ' ପରିଷ୍କାର କରାଗଲା।

ସଂପ୍ରତି ଏନ୍‌ସିଆରବିର ର ଶିହରଣକାରୀ ରିପୋର୍ଟରେ କର୍ମକ୍ଷେତ୍ରରେ ହିନସ୍ତା ହେବା ସଂପର୍କରେ ମାରାତ୍ମକ ରିପୋର୍ଟ ପ୍ରକାଶିତ ହୋଇଛି। ଦେଖାଯାଇଛି ଭାରତରେ ଆତ୍ମହତ୍ୟାକାରୀ ୪୧ଶତାଂଶଙ୍କ ବୟସ ହେଉଛି ୩୦ରୁ କମ। ଏମାନଙ୍କ ମଧ୍ୟରେ ଅନେକ ହେଉଛନ୍ତି କର୍ମରତ ଯୁବକ-ଯୁବତୀ। ଚାକିରୀରେ ସ୍ଥାୟିତ୍ୱର ଅନିଶ୍ଚିତତା ହେଉଛି ଆତ୍ମହତ୍ୟାର ବଡ କାରଣ।

ବର୍ତ୍ତମାନ ପୁଞ୍ଜିବାଦୀ ଅର୍ଥନୈତିକ ବ୍ୟବସ୍ଥା କର୍ମଚାରୀମାନଙ୍କୁ ସଂଖ୍ୟା ଭାବରେ ଗଣ୍ୟ କରେ। ଯେଉଁମାନେ ଉତ୍ପାଦନ କରିପାରିବେ ଓ ଉତ୍ପାଦନ ବୃଦ୍ଧି କରିପାରିବେ। ସେଥିପାଇଁ ଏମାନଙ୍କ ଜୀବନଧାରଣ ପ୍ରୟୋଜନ ପାଇଁ ନ୍ୟୁନତମ ଦରମା ଦିଆଯାଏ। ବହୁଜାତିକ କମ୍ପାନୀର ମାଲିକମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କାମ କରିବା ସମୟକୁ ବଢାଇ ଦେଇ ଉତ୍ପାଦନ ବୃଦ୍ଧି କରି ମୁନାଫା ଲୁଟିବା। କର୍ମୀମାନଙ୍କ ଭଲମନ୍ଦ ସମ୍ବନ୍ଧରେ ତାଙ୍କ ମୁଣ୍ଡ ବଥାଇବା ଆବଶ୍ୟକ ନାହିଁ। ବାସ୍ତବରେ ପୁଞ୍ଜିବାଦୀ ବ୍ୟବସ୍ଥାରେ ଶ୍ରମିକ-କର୍ମଚାରୀମାନେ ହେଉଛନ୍ତି ଜୀବନ୍ତ ଉତ୍ପାଦନ ଯନ୍ତ୍ର ମାତ୍ର। ମାଲିକର ଲକ୍ଷ୍ୟ କେବଳ ମୁନାଫା। ଆଉ ଏହି ମୁନାଫା ଶ୍ରମିକ କର୍ମଚାରୀଙ୍କ ଜୀବନ ବିନିମୟରେ ସୃଷ୍ଟି ହୁଏ। ପୁଞ୍ଜିବାଦ ଯେତେ ସଂକଟଗ୍ରସ୍ତ ହେବ ଶୋଷଣ ଆହୁରି ତୀବ୍ର ହେବ। ତେଣୁ ଏହାକୁ ମାନିନେଲେ ଏଥିରୁ ପରିତ୍ରାଣ ଅସମ୍ଭବ। ଅତଏବ୍ କର୍ମକ୍ଷେତ୍ର ସଂଗଠିତ ହେବା ଏବଂ ବୃହତ୍ତର କ୍ଷେତ୍ରରେ ଏହା ବିରୁଦ୍ଧରେ ଯେଉଁ ସଂଗ୍ରାମ ଚାଲୁଛି ତାହା ସହିତ ସଂଯୋଗ ସ୍ଥାପନ କରି ପାରିଲେ ହିଁ ପରିସ୍ଥିତିକୁ ବଦଳାଇ ହେବ ଏବଂ ସମୟକ୍ରମେ ସାମଗ୍ରିକ ଭାବେ ମଧ୍ୟ ପରିସ୍ଥିତିକୁ ବଦଳାଇ ହେବ।

★ ★ ★

## 'ଏକ ଦେଶ . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ପାଇଥାଏ। ଏକା ସାଙ୍ଗରେ ନିର୍ବାଚନ ହେଲେ ବହୁ ଆଂଚଳିକ ଦାବି ଓ ସମସ୍ୟା ଉପରେ ଜାତୀୟ ସ୍ତରର ଦାବି ଓ ସମସ୍ୟା ପ୍ରଭୁତ୍ୱ ବିସ୍ତାର କରିବ। ଏହା ଫଳରେ ଭାରତର ନିର୍ବାଚନୀ ବିଭିନ୍ନତା ଯେ ଖାଲି ଖର୍ବ ହେବ ତା'ନୁହେଁ, କେନ୍ଦ୍ରୀଭୂତ ସରକାର ଉପରେ ନିର୍ଭରଶୀଳତା ଅଧିକ ବୃଦ୍ଧି ପାଇବ। ରାଜ୍ୟ ସ୍ତରୀୟ ଦାବି ଅଣଦେଖା କରୁଥିବା ବା ପୂରଣ କରୁ ନଥିବା କେନ୍ଦ୍ର ସରକାରଙ୍କ ନୀତି ବିରୁଦ୍ଧରେ ରାଜ୍ୟର ଜନସାଧାରଣଙ୍କ ସମର୍ଥନ ପ୍ରତ୍ୟାହାର କରିନେବାର କ୍ଷମତା ମଧ୍ୟ ଏହାଦ୍ୱାରା ସୀମିତ ହେବ। ଅନ୍ୟଦିଗରେ ଦେଶରେ ସାମଗ୍ରିକ ଭାବେ ଫାସିବାଦ ପ୍ରତିଷ୍ଠା କରିବା ପଥରେ ଏକଚାଟିଆ ପୁଞ୍ଜି ସହିତ ଆଂଚଳିକ ପୁଞ୍ଜିର ଯେଉଁ ଦ୍ୱନ୍ଦ ବାଧା ଭାବେ ଠିଆ ହୋଇଛି, ସେହି ବାଧାକୁ ଦୂର କରିବା କ୍ଷେତ୍ରରେ ଏହି ନୀତି ସୁବିଧାଜନକ ହେବ। 'ଏକ ଦେଶ ଏକ ନିର୍ବାଚନ' ବସ୍ତୁତଃ ଆଂଚଳିକ ଦଳମାନଙ୍କୁ ଦୁର୍ବଳ କରି ସାମଗ୍ରିକ ଫାସିବାଦ ପ୍ରତିଷ୍ଠାର ପଥ ସୁଗମ କରିବ।

ଫଳରେ ଏହି ମାରାତ୍ମକ ନୀତିର ଭୟାବହ ପରିଣତିକୁ ବିଚାରକୁ ନେଇ ଭାରତର ବିଭିନ୍ନତା ଓ ସଂଘୀୟ ବ୍ୟବସ୍ଥାକୁ ବଂଚାଇ ରଖିବା ଖୁବ୍ ଜରୁରୀ ହୋଇ ପଡ଼ିଛି। ସୁତରାଂ, ଯେତେବେଳେ ଓ ଯେଉଁଠି ଆବଶ୍ୟକ ପଡ଼ିବ ବା ସରକାରର ପତନ ଘଟିବ ସେଠି ନିଶ୍ଚିତ ଭାବେ ନିର୍ବାଚନ କରାଇବାକୁ ହେବ। ସଂବିଧାନର ନିର୍ଦ୍ଦେଶିତ ଧାରା ଅନୁଯାୟୀ ହିଁ କରିବାକୁ ହେବ।

**ଏକ ଦେଶ କ'ଣ ସତରେ 'ଏକ' :**

ବହୁଦିନ ଧରି ବିଜେପି ସରକାର 'ଗୋଟିଏ ଦେଶ ଗୋଟିଏ ନୀତି' କଥା କହି ତୁମ୍ବିତୋଫାନ କରିଆସୁଛି। ତେବେ ଏ ଦେଶ କ'ଣ ସତରେ ଗୋଟିଏ ଦେଶ? ଏ ଦେଶ କ'ଣ ଜନସାଧାରଣଙ୍କ ଲୁଟ ଅର୍ଥରେ ଅମାପ ସଂପତ୍ତିର ଅଧିକାରୀ ମୁଷ୍ଟିମେୟ ଶୋଷକ ପୁଞ୍ଜିପତି ଓ ସଂଖ୍ୟାଗରିଷ୍ଠ ଶୋଷିତ ନିଷ୍ପେଷିତ ଗରିବ ସର୍ବହରା ଜନସାଧାରଣଙ୍କ ମଧ୍ୟରେ ବିଭକ୍ତ ହୋଇ ନାହିଁ? ଏହି ବିଭାଜନକୁ ଅସ୍ୱୀକାର କରିବା ସମ୍ଭବ କି? ପୁଣି ଜାତି, ଧର୍ମ, ଭାଷା, ଅଂଚଳକୁ ନେଇ କେତେ ବିଭାଜନ। ପୁଣି ବିଜେପି ଦଳ ସାଂପ୍ରଦାୟିକତା-ଜାତିୟାଣା-ଆଂଚଳିକତାବାଦ ଭଳି ବହୁ ବିଭେଦକାରୀ ଚିନ୍ତାକୁ ନିଜର ହୀନ ଭୋଟ ସ୍ୱାର୍ଥରେ ଉସକାଇ ଦେଶର ଶୋଷିତ ଜନସାଧାରଣଙ୍କୁ ବିଭାଜିତ କରି ଚାଲିଛି। ଏହି ବିଭେଦକାରୀ ନୀତି ଫଳରେ ଜନଜୀବନ ଆଜି ବିପର୍ଯ୍ୟସ୍ତ। ଫଳରେ ବିଜେପିର ଏହି 'ଏକ ଦେଶ ଏକ ନିର୍ବାଚନ' ନୀତି ଯେ ଏକଚାଟିଆ ପୁଞ୍ଜିପତିମାନଙ୍କ ସ୍ୱାର୍ଥରେ କ୍ଷମତାର ଏକଚାଟିଆ କେନ୍ଦ୍ରୀକରଣ ପାଇଁ ଉଦ୍ଦିଷ୍ଟ ତାହା ବୁଝିବାକୁ ହେବ।

**'ଗୋଟିଏ ଦେଶ ଗୋଟିଏ କର' ସ୍ଲୋଗାନ ଦେଇ ବିଜେପି ଲାଗୁ କରିଥିଲା ଜିଏସ୍‌ଟି :**

ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ, 'ଗୋଟିଏ ଦେଶ ଗୋଟିଏ କର' ସ୍ଲୋଗାନ ଦେଇ ବିଜେପି ସରକାର ଜିଏସ୍‌ଟି ଚାଲୁ କରିଥିଲା। ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପ୍ରଚାରର ବ୍ରାଣ୍ଡ ଆମ୍ବାସଡର ଥିଲେ। କେତେ ମଧୁର ଲୋଭନୀୟ ପ୍ରତିଶୃତି ଶୁଣାଇଥିଲେ। ବର୍ତ୍ତମାନ ଜନସାଧାରଣ କ'ଣ ଅଙ୍ଗେ ନିଭାଉଛନ୍ତି? ଏହି ଜିଏସ୍‌ଟି ରାଜ୍ୟମାନଙ୍କର ଆପେକ୍ଷିକ ଆର୍ଥିକ ସ୍ୱାତନ୍ତ୍ର୍ୟକୁ ଧ୍ୱଂସକରି ଜନସାଧାରଣଙ୍କ ନିକଟରୁ ଅତି ନିର୍ମମ ଭାବେ ସଂଗ୍ରହ କରାଯାଉଥିବା ଟ୍ୟାକ୍ସ ଉପରେ କେନ୍ଦ୍ର ସରକାରଙ୍କ ଏକଚାଟିଆ ଅଧିକାର ଓ ନିୟନ୍ତ୍ରଣ ପ୍ରତିଷ୍ଠା କରିଛି। ଗୋଟିଏ କର ନୁହେଁ, ଏହି ଜିଏସ୍‌ଟି ଯୋଗୁ ଜନସାଧାରଣ କେତେ ପ୍ରକାର କର ବାରମ୍ବାର ଦେଇ ହନ୍ତସନ୍ତ ହେଉଛନ୍ତି ଓ ନିର୍ମମ ଅମାନବିକ ଶୋଷଣର ଶୀକାର ହେଉଛନ୍ତି ତା ସମସ୍ତେ ଭୁକ୍ତଭୋଗୀ। ଏବେ ପୁଣି 'ଏକ ଦେଶ ଏକ ନିର୍ବାଚନ' ନାଁ ରେ ଆଉ ଏକ ମାରାତ୍ମକ ନୀତି ବିଜେପି ସରକାର ଆଣିବାକୁ ଷଡଯନ୍ତ୍ର କରୁଛନ୍ତି। ଏହାପରେ ଆସିବ ଗୋଟିଏ ଦେଶ, ଗୋଟିଏ ଧର୍ମ, ଗୋଟିଏ ସଂସ୍କୃତି ଓ ଜଣେ ଭଗବାନ ପ୍ରେରିତ 'ମହାମାନବ' ବିଶ୍ୱନେତା। ଇତିମଧ୍ୟରେ ହିଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ କଣ୍ଠରେ ଏହି ଉଦ୍ଧତ ସ୍ୱର ପ୍ରତିଧ୍ୱନିତ ହୋଇଛି।

**ସମସ୍ତ ଗଣତାନ୍ତ୍ରିକ ମନୋଭାବାପନ୍ନ ଜନଗଣଙ୍କୁ ଏକ ହେବାକୁ ପଡ଼ିବ :**

ଏକଚାଟିଆ ପୁଞ୍ଜିପତିମାନଙ୍କ ସ୍ୱାର୍ଥରେ ସାମଗ୍ରିକ ଫାସିବାଦୀ ରାଷ୍ଟ୍ର ପ୍ରତିଷ୍ଠାର ସର୍ବବ୍ୟାପକ ଯୋଜନାର ଏକ ଅଂଶ ଭାବେ 'ଏକ ଦେଶ, ଏକ ନିର୍ବାଚନ' ନୀତିକୁ ବିଚାର କରିବାକୁ ପଡ଼ିବ। ଏହା ନିଛକ ଏକ ନିର୍ବାଚନୀ ପ୍ରଶାସନିକ ସଂସ୍କାର ନୁହେଁ। କେନ୍ଦ୍ରୀକରଣ ମାଧ୍ୟମରେ ରାଜନୈତିକ କ୍ଷମତାକୁ ସୁସଂହତ କରିବା ନିମିତ୍ତ ଭାରତର ସଂଘୀୟ ବ୍ୟବସ୍ଥାକୁ ଧ୍ୱଂସ କରିବାର ସାମଗ୍ରିକ ରଣନୀତିର ଏହା ଏକ ଅଂଶ ବିଶେଷ। ଏକ ଅଖଣ୍ଡ ସ୍ୱୈରାଚାରୀ ରାଷ୍ଟ୍ର ପ୍ରତିଷ୍ଠା ନିମନ୍ତେ ରାଜନୈତିକ ପ୍ରତିନିଧିତ୍ୱର ବିବିଧତାକୁ ଧ୍ୱଂସ କରିବା ପାଇଁ ଏହି 'ଏକ ଦେଶ ଏକ ନିର୍ବାଚନ' ବ୍ୟବସ୍ଥା ପ୍ରଚଳନ ପାଇଁ ଉଦ୍ୟମ ହେଉଛି। ଏହି ନୀତି କାର୍ଯ୍ୟକାରୀ ହେଲେ ଦେଶର ସମସ୍ତ ଗଣତାନ୍ତ୍ରିକ ରୀତିନୀତି ବିଧି ବ୍ୟବସ୍ଥା ସଂପୂର୍ଣ୍ଣ ଲୋପ ପାଇବ। ଜନସାଧାରଣଙ୍କ ନିକଟରେ ଗଣତାନ୍ତ୍ରିକ ଅଧିକାର ଓ ସୁବିଧା ପାଇବାର ଯେଉଁ ସାମାନ୍ୟ ସୁଯୋଗ ରହିଛି ତାହା ମଧ୍ୟ ସଂପୂର୍ଣ୍ଣ ଧ୍ୱଂସ ହେବ। ଏହି ଧାରାରେ ଅର୍ଥନୈତିକ ଓ ରାଜନୈତିକ କ୍ଷମତାର କେନ୍ଦ୍ରିକରଣ ପଥରେ ମାନବ ସଭ୍ୟତାର ଘୃଣ୍ୟତମ ଶତ୍ରୁ ସର୍ବାତ୍ମକ ଫାସିବାଦ ପ୍ରତିଷ୍ଠାର ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହେବ। ଫଳରେ ଏହି ନୀତିର ଭୟାବହ ପରିଣତିକୁ ଉପଲବ୍ଧି କରି ସମସ୍ତ ଗଣତାନ୍ତ୍ରିକ ମନୋଭାବାପନ୍ନ ଓ ଶୁଭବୁଦ୍ଧି ସଂପନ୍ନ ଜନସାଧାରଣଙ୍କୁ ଆଗେଇ ଆସିବାକୁ ହେବ, ପ୍ରତିବାଦ, ପ୍ରତିରୋଧ ଆନ୍ଦୋଳନ ଗଢ଼ିତୋଳିବାକୁ ହେବ, ଯେକୌଣସି ମୂଲ୍ୟ ଦେଇ ଏହି ମାରାତ୍ମକ 'ଏକ ଦେଶ ଏକ ନିର୍ବାଚନ' ନୀତିକୁ ରୋକିବାକୁ ହେବ।

★ ★ ★

# ଭୁବନେଶ୍ୱର ଏଆଇୟୁଟିୟୁସିର ୨୨ତମ ସର୍ବଭାରତୀୟ ସମ୍ମିଳନୀ

## ଦେଶବ୍ୟାପୀ ମେହେନତୀ ଜନସାଧାରଣଙ୍କର ମିଳିତ ଶକ୍ତିଶାଳୀ ଆନ୍ଦୋଳନ ଗଢିତୋଳିବା ପାଇଁ ସଂକଳ୍ପ




ଡିସେମ୍ବର ୧୫ରୁ ୧୭ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଅଲ ଇଣ୍ଡିଆ ୟୁନାଇଟେଡ ଟ୍ରେଡ ୟୁନିୟନ ସେଣ୍ଟର(ଏଆଇୟୁଟିୟୁସି)ର ୨୨ତମ ସର୍ବଭାରତୀୟ ସମ୍ମିଳନୀ ଦେଶର ଶାସକ ଏକଚାଟିଆ ପୁଞ୍ଜିପତି ଶ୍ରେଣୀର ସ୍ୱାର୍ଥରକ୍ଷା ପାଇଁ ଗୋଟିଏ ପରେ ଗୋଟିଏ କେନ୍ଦ୍ର ଓ ରାଜ୍ୟ ସରକାର ମାନଙ୍କ ଦ୍ୱାରା ଦେଶର ଶ୍ରମଜୀବୀ ଜନସାଧାରଣଙ୍କ ଉପରେ ଚାଲିଥିବା କ୍ରମବର୍ଦ୍ଧମାନ ଆକ୍ରମଣ ବିରୁଦ୍ଧରେ ଶକ୍ତିଶାଳୀ, ଐକ୍ୟବଦ୍ଧ ଆନ୍ଦୋଳନ ଗଢି ତୋଳିବା ପାଇଁ ଦୃଢ ସଂକଳ୍ପ ଗ୍ରହଣ ମଧ୍ୟଦେଇ ଶେଷ ହୋଇଛି।

ଏହି ସର୍ବଭାରତୀୟ ସମ୍ମିଳନୀର ପ୍ରସ୍ତୁତି ପର୍ବରେ ସମଗ୍ର ଦେଶରେ ଏଆଇୟୁଟିୟୁସି ସହିତ ସହବନ୍ଧିତ ବିଭିନ୍ନ ଟ୍ରେଡ ୟୁନିୟନ ମାନଙ୍କର ସମ୍ମିଳନୀ ଏବଂ ଏହାପରେ ଜିଲ୍ଲା ଓ ୨୪ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳର ରାଜ୍ୟ ସମ୍ମିଳନୀ ମାନ ସଂପନ୍ନ କରାଯାଇଥିଲା। ଏହି ସମ୍ମିଳନୀ ମାନଙ୍କରେ କେନ୍ଦ୍ର ଓ ରାଜ୍ୟ ସରକାର ମାନଙ୍କର ବିଭିନ୍ନ ସ୍କିମ୍‌ରେ କାମକରୁଥିବା ମାରାତ୍ମକ ଶୋଷଣର ଶୀକାର ମହିଳା ଶ୍ରମିକ ଓ ନୂଆକରି ସୃଷ୍ଟି ହୋଇଥିବା ଜିଗ୍ ଓ ପ୍ଲାଟ୍‌ଫର୍ମ ଶ୍ରମିକମାନଙ୍କ ସମେତ ସଂଗଠିତ ଓ ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ହଜାର ହଜାର ଶ୍ରମିକ ସାମିଲ ହୋଇଥିଲେ। ଏହି ପ୍ରକ୍ରିୟାରେ ସଂଗଠନର ବିସ୍ତାର ଘଟିଛି, ସଂଗଠନ ସଂହତ ଓ ଶକ୍ତିଶାଳୀ ହୋଇଛି। ସର୍ବଭାରତୀୟ ସମ୍ମିଳନୀର ପ୍ରସ୍ତୁତି ସମୟରେ ଏଆଇୟୁଟିୟୁସି ପ୍ରତି ଶ୍ରମଜୀବୀ ଜନସାଧାରଣଙ୍କର କ୍ରମବର୍ଦ୍ଧମାନ ସମର୍ଥନ ଏବଂ ସଦିଚ୍ଛା ଦେଖିବାକୁ ମିଳିଥିଲା ଏବଂ ସମ୍ମିଳନୀକୁ ସଫଳ କରିବାପାଇଁ ଶ୍ରମଜୀବୀ ଜନସାଧାରଣ ଅକୁଣ୍ଠ ସହାୟତା ପ୍ରଦାନ କରିଥିଲେ।

ରାଜଧାନୀ ଭୁବନେଶ୍ୱରର କେନ୍ଦ୍ର ସ୍ଥଳରେ ରାଜ୍ୟ ବିଧାନସଭା ସମ୍ମୁଖସ୍ଥ ପିଏମ୍‌ଜି ଛକରେ ଡିସେମ୍ବର ୧୫ତାରିଖ ଦିନ ସମ୍ମିଳନୀର ଖୋଲା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ବହୁପ୍ରକାର ପ୍ରତିକୂଳତାକୁ ମୁକାବିଲା କରି ରାଜ୍ୟର କୋଣ ଅନୁକୋଣରୁ ଦୀର୍ଘ ପଥ ଅତିକ୍ରମ କରି ପ୍ରାୟ ୨୫ ହଜାର ଶ୍ରମଜୀବୀ ଜନସାଧାରଣ ସମ୍ମିଳନୀର ଖୋଲା ଅଧିବେଶନରେ ଯୋଗ ଦେଇଥିଲେ। ଦେଶର ୨୪ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରୁ ଏହି ସମ୍ମିଳନୀରେ ଯୋଗ ଦେଇଥିବା ପ୍ରତିନିଧିମାନେ ଶ୍ରମଜୀବୀ ଜନସାଧାରଣଙ୍କର ଜ୍ୱଳନ୍ତ ସମସ୍ୟା ସମ୍ବଳିତ ସ୍ଲୋଗାନ ମାନ ଦେଇ ଏକ ସୁସଜ୍ଜିତ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ରାଜମହଲ ଛକରୁ ବାହାରି ସଭାସ୍ଥଳରେ ପହଂଚିଥିଲେ। ଏହି ଶୋଭାଯାତ୍ରା ସହରର ଜନସାଧାରଣଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ଖୋଲା ଅଧିବେଶନ ସ୍ଥଳରେ ଏଆଇୟୁଟିୟୁସିର ସର୍ବଭାରତୀୟ ସଭାପତି କମ୍ରେଡ୍ କେ. ରାଧାକ୍ରିଷ୍ଣନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ୱାର୍ଲ୍ଡ ଫେଡେରେସନ ଅଫ୍ ଟ୍ରେଡ୍ ୟୁନିୟନସ୍(WFTU)ର ସଭାପତି ତଥା ସମ୍ମିଳନୀର ସମ୍ମାନୀୟ ଅତିଥି କମ୍ରେଡ୍ ଜୱାନଡାଇଲ ମାଇକେଲ ମାକ୍‌ୱାୟିବା ବକ୍ତବ୍ୟ ରଖିଥିଲେ। ସୂଚନାଯୋଗ୍ୟ ଡବ୍ଲୁଏଫଟିୟୁ ସହିତ ଏଆଇୟୁଟିୟୁସି ଦୀର୍ଘ ସମୟଧରି ସହବନ୍ଧିତ। ସଭା ମଂଚରେ ଏଆଇୟୁଟିୟୁସିର ସର୍ବଭାରତୀୟ ନେତୃବୃନ୍ଦଙ୍କ ସମେତ ପାଲେଷ୍ଟାଇନ୍, ନେପାଳ ଓ ବାଙ୍ଗଲାଦେଶର ଟ୍ରେଡ୍ ୟୁନିୟନ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଡବ୍ଲୁଏଫଟିୟୁର ସଭାପତି ତାଙ୍କର ଶକ୍ତିଶାଳୀ ଆବେଗମୟ ଅଭିଭାଷଣରେ ବିଶ୍ୱ ପୁଞ୍ଜିବାଦ-ସାମ୍ରାଜ୍ୟବାଦ ବିରୁଦ୍ଧରେ ଲଢୁଆ ଆନ୍ଦୋଳନର ଜୁଆର ସୃଷ୍ଟି କରିବାପାଇଁ ଭାରତ ସମେତ ସମଗ୍ର ବିଶ୍ୱର ମେହେନତି ଜନସାଧାରଣଙ୍କୁ ଶ୍ରେଣୀ ଭିତ୍ତିକ ଲୌହଦୃଢ ଐକ୍ୟ ଏବଂ ସଂହତି ଗଢିତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ଆମେରିକା ଓ ଅନ୍ୟାନ୍ୟ ସାମ୍ରାଜ୍ୟବାଦୀ ଦେଶମାନଙ୍କ ସହାୟତାରେ ପାଲେଷ୍ଟାଇନ ଉପରେ ଇସ୍ରାଏଲ୍‌ର ବର୍ବର ଆକ୍ରମଣ ଓ ନିର୍ବିଚାରରେ ଏବଂ ଅମାନବୀୟ ଭାବରେ ଶିଶୁ ଓ ମହିଳାମାନଙ୍କ ସମେତ ଲକ୍ଷ ଲକ୍ଷ ନୀରିହ ଲୋକଙ୍କର ହତ୍ୟାକୁ ସେ ଦୃଢ ଭାବରେ ନିନ୍ଦା କରିଥିଲେ। ଭାରତବର୍ଷରେ ଲଗାତର ଭାବରେ ଶ୍ରମଜୀବୀ ଜନସାଧାରଣଙ୍କ ଆନ୍ଦୋଳନ ଚଳାଇ ରଖିଥିବାରୁ ସେ ଦେଶର ଶ୍ରମଜୀବୀ ଜନସାଧାରଣ ଏବଂ ଏଆଇୟୁଟିୟୁସିକୁ ଅଭିନନ୍ଦନ ଜ୍ଞାପନ କରିଥିଲେ।

ଖୋଲା ଅଧିବେଶନରେ ଅନ୍ୟମାନଙ୍କ ମଧ୍ୟରେ ଏଆଇୟୁଟିୟୁସିର ସର୍ବଭାରତୀୟ ସଂପାଦକ ମଣ୍ଡଳୀ ସଭ୍ୟ ତଥା ଓଡିଶା ରାଜ୍ୟ ସଂପାଦକ କମ୍ରେଡ୍ ଜୟସେନ ମେହେର, ସର୍ବଭାରତୀୟ ଉପସଭାପତି କମ୍ରେଡ୍ ସତ୍ୟବାନଜୀ ଏବଂ କମ୍ରେଡ ସ୍ୱପନ ଘୋଷ, ସର୍ବଭାରତୀୟ ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ଅରୁଣ ସିଂହ ଏବଂ ସାଧାରଣ ସଂପାଦକ କମ୍ରେଡ୍ ଶଙ୍କର ଦାସଗୁପ୍ତ ଉଦ୍‌ବୋଧନ ଦେଇଥିଲେ। ବକ୍ତାମାନେ ଶାସକ ପୁଞ୍ଜିପତି ଶ୍ରେଣୀ ଏବଂ ଏହାର ସରକାର, ବିଶେଷକରି ବର୍ତ୍ତମାନର କେନ୍ଦ୍ର ବିଜେପି ସରକାରର କ୍ରମବର୍ଦ୍ଧମାନ ଆକ୍ରମଣ ବିରୁଦ୍ଧରେ ସମସ୍ତ ଶକ୍ତିଦେଇ ଲଢେଇ କରିବା ପାଇଁ ଶ୍ରମିକମାନଙ୍କୁ ଆହ୍ୱାନ ଦେବା ସଙ୍ଗେ ସଙ୍ଗେ ସର୍ବହରା ଆନ୍ତର୍ଜାତିକତାବାଦୀ ପରମ୍ପରାର ଅନୁସରଣରେ ସମଗ୍ର ବିଶ୍ୱରେ ଚାଲିଥିବା ଶ୍ରମିକ ଶ୍ରେଣୀର ଆନ୍ଦୋଳନ ସହିତ ଖୋଲା ହୃଦୟରେ ସଂହତି ପ୍ରକାଶ କରିଥିଲେ। ସଭାର ସଭାପତି ତଥା ଏଆଇୟୁଟିୟୁସିର ସର୍ବଭାରତୀୟ ସଭାପତି କମ୍ରେଡ୍ କେ. ରାଧାକ୍ରିଷ୍ଣନ ତାଙ୍କର ସଭାପତି ଅଭିଭାଷଣରେ ଦେଶରେ ପ୍ରତିଷ୍ଠିତ ପୁଞ୍ଜିବାଦୀ ରାଷ୍ଟ୍ର ଏବଂ ସରକାରର ଫାସିବାଦୀ ଯୋଜନା ସଂପର୍କରେ ଶ୍ରମଜୀବୀ ଜନସାଧାରଣଙ୍କୁ ସାବଧାନ କରିଦେଇଥିଲେ ଏବଂ ଫାସିବାଦର କ୍ରମବର୍ଦ୍ଧମାନ ବିପଦ ହାତରୁ ମାନବତାକୁ ରକ୍ଷା କରିବାପାଇଁ ସରକାରଙ୍କର ଏହି ଶ୍ରମିକ ବିରୋଧୀ, ଜନବିରୋଧୀ ପରିକଳ୍ପନାକୁ ବିଫଳ କରିବାପାଇଁ ନିବେଦନ କରିଥିଲେ। ଆନ୍ତର୍ଜାତୀୟ ସଂଗୀତ ପରିବେଷଣ ପରେ ସଭା ସମାପ୍ତ ହୋଇଥିଲା।

ସେହିଦିନ ସଂନ୍ଧ୍ୟାରେ ରୟାଲ ରିସର୍ଟ ପରିସରରେ ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନ କମ୍ରେଡ୍ କେ. ରାଧାକ୍ରିଷ୍ଣନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ଡବ୍ଲୁଏଫ୍‌ଟିୟୁର ସଭାପତି କମ୍ରେଡ୍ ମାଇକେଲ, ପାଲେଷ୍ଟାଇନର ଟ୍ରେଡ ୟୁନିୟନ ପ୍ରତିନିଧି କମ୍ରେଡ୍ ହୁସେନ୍ କାରାସ୍‌ବା, 'ଅଲ ନେପାଳ ଟ୍ରେଡ ୟୁନିୟନ ଫେଡେରେସନ'ର ପ୍ରତିନିଧି କମ୍ରେଡ୍ ଓପେନ୍ଦ୍ର କୁମାର ରୟ ଏବଂ କମ୍ରେଡ୍ ଟିକାରାମ ପରସାଇ ଏବଂ 'ବାଙ୍ଗଲାଦେଶ ୱାକର୍ସ ଆଣ୍ଡ ଏମ୍ପ୍ଲଇଜ୍ ଫେଡେରେସନ୍' ପକ୍ଷରୁ କମ୍ରେଡ୍ ଶେଖର ରୟ ଭାତୃପ୍ରତିମ ପ୍ରତିନିଧିଭାବରେ ଯୋଗଦେଇଥିଲେ ଏବଂ ଉଦ୍‌ଘାଟନୀ ଅଧିବେଶନରେ ବକ୍ତବ୍ୟ ରଖିଥିଲେ।

ଏହି ଅଧିବେଶନରେ ବକ୍ତବ୍ୟ ରଖି ଡବ୍ଲୁଏଫ୍‌ଟିୟୁର ସଭାପତି ସମଗ୍ର ବିଶ୍ୱର ଶ୍ରମଜୀବୀ ଜନସାଧାରଣଙ୍କ ମଧ୍ୟରେ ଐକ୍ୟ ପ୍ରତିଷ୍ଠା ଓ ଐକ୍ୟବଦ୍ଧ କାର୍ଯ୍ୟକ୍ରମ ପାଇଁ ଆହ୍ୱାନ ଦେଇଥିଲେ। ବାଧାହୀନ ଭାବରେ ଶ୍ରମଜୀବୀ ଜନସାଧାରଣଙ୍କର ସଂଗ୍ରାମକୁ ଆଗେଇନେବା ଏବଂ ଶୋଷଣମୁକ୍ତ ମାନବ ସମାଜ ପ୍ରତିଷ୍ଠାର ଅନ୍ତିମ ଲକ୍ଷ୍ୟ ହାସଲ କରିବା ପାଇଁ ଯୁବ ଶ୍ରମିକମାନଙ୍କୁ ଉଭୟ ଆଦର୍ଶଗତ ଓ ସାଂଗଠନିକ ଭାବରେ ତାଲିମ ଦେଇ ଉପଯୁକ୍ତ ଭାବରେ ଗଢିତୋଳିବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ। ସେ ଶ୍ରମଜୀବୀ ମହିଳାମାନଙ୍କର ଶକ୍ତିଶାଳୀ ସଂଗଠନ ଗଢିତୋଳିବା ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ। ପାଲେଷ୍ଟାଇନ ଜନସାଧାରଣଙ୍କ ପ୍ରତି ଲଗାତର ସଂହତି ପ୍ରକାଶ କରିଥିବାରୁ ପାଲେଷ୍ଟାଇନରୁ ଆସିଥିବା କମ୍ରେଡ ହୁସେନ କରାସ୍‌ବା ଏଆଇୟୁଟିୟୁସି ପ୍ରତି କୃତଜ୍ଞତା

(ଅବଶିଷ୍ଟାଂଶ ୫ମ ପୃଷ୍ଠାରେ)



## ଭୁବନେଶ୍ୱର ଏଆଇୟୁଟିୟୁସି . . .

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)




ଜ୍ଞାପନ କରିଥିଲେ। ନେପାଳରୁ ଆସିଥିବା ଭାତୃପ୍ରତିମ ପ୍ରତିନିଧି ମଧ୍ୟ ସମଗ୍ର ବିଶ୍ୱର ମେହେନତୀ ଜନସାଧାରଣଙ୍କ ମଧ୍ୟରେ ଐକ୍ୟ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ବାଙ୍ଗଲାଦେଶର ପ୍ରତିନିଧିଙ୍କ ବାର୍ତ୍ତା ଏହି ଅଧିବେଶନରେ ପାଠ କରାଯାଇଥିଲା।

ଏଆଇୟୁଟିୟୁସିର ନିମନ୍ତ୍ରଣକ୍ରମେ ଏଆଇଟିୟୁସି(AITUC), ସିଆଇଟିୟୁ(CITU), ଏଆଇସିସିଟିୟୁ(AICCTU), ଏବଂ ଟିୟୁସିସି (TUCC)ର ପ୍ରତିନିଧିମାନେ ମଧ୍ୟ ଏହି ଅଧିବେଶନରେ ଯୋଗ ଦେଇଥିଲେ ଓ ବକ୍ତବ୍ୟ ରଖିଥିଲେ। ଦକ୍ଷିଣ ଆଫ୍ରିକାର କୋସାଟୁ (COSATU), ବାଙ୍ଗଲାଦେଶର ବିଡବ୍ଲୁଇଏଫ୍ (BWEF), ଚାଇନାର ଏସିଏଫ୍‌ଟିୟୁ (ACFTU), ଜାମ୍ବିଆର ଇଏଫ୍‌ଟିୟୁଜେଡ୍ (EFTUZ), ମରିସସ୍ ଟ୍ରେଡ୍ ୟୁନିୟନ, ନ୍ୟୁଜିଲ୍ୟାଣ୍ଡର ଏନ୍‌ପିଏଫ୍‌ୟୁ(NPFU) ଏବଂ ଆନ୍ତର୍ଜାତୀୟ ଟ୍ରେଡ ୟୁନିୟନ ୟୁଆଇଏସ୍(UIS) ପ୍ରମୁଖ ଭାତୃପ୍ରତିମ ଟ୍ରେଡ୍ ୟୁନିୟନ ସଂଗଠନମାନଙ୍କ ପକ୍ଷରୁ ଆସିଥିବା ସଂହତି ମୂଳକ ବାର୍ତ୍ତା ଗୁଡିକୁ ସଂଗଠନର ସାଧାରଣ ସଂପାଦକ କମ୍ରେଡ୍ ଶଙ୍କର ଦାସଗୁପ୍ତ ପାଠ କରିଥିଲେ। ଆମ ଦେଶ ଏବଂ ବିଦେଶରୁ ନିମନ୍ତ୍ରିତ ପ୍ରତିନିଧିମାନଙ୍କୁ ଭାତୃପ୍ରତିମ ଉପହାର ଭାବରେ ମେମେଣ୍ଟୋ ପ୍ରଦାନ ପରେ ଆନ୍ତର୍ଜାତୀୟ ସଂଗୀତ ପରିବେଷଣ କରାଯାଇଥିଲା ଏବଂ ଏହା ସହିତ ଉଦ୍‌ଘାଟନୀ ଅଧିବେଶନ ସମାପ୍ତ ହୋଇଥିଲା।

ରୟାଲ ରିସୋର୍ଟ ପରିସରରେ ଏଆଇୟୁଟିୟୁସିର ସର୍ବଭାରତୀୟ ସଭାପତିଙ୍କ ଦ୍ୱାରା ପତାକା ଉତ୍ତୋଳନ ଏବଂ ଶହୀଦ ବେଦୀରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ମଧ୍ୟ ଦେଇ ଡିସେମ୍ବର ୧୬ ଓ ୧୭ ଦୁଇଦିନବ୍ୟାପୀ ପ୍ରତିନିଧି ଅଧିବେଶନ ଉଦ୍‌ଘାଟିତ ହୋଇଥିଲା। ଦେଶର ୨୪ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳରୁ ଆସିଥିବା ୧୧୦୫ ଜଣ ପ୍ରତିନିଧିଙ୍କୁ ନେଇ ଅନୁଷ୍ଠିତ ପ୍ରତିନିଧି ଅଧିବେଶନକୁ କମ୍ରେଡ୍ କେ. ରାଧାକ୍ରିଷ୍ଣନ୍‌ଙ୍କ ସଭାପତିତ୍ୱରେ କମ୍ରେଡ ସତ୍ୟବାନଜୀ, କମ୍ରେଡ୍ ଶମ୍ଭୁନାଥ ନାଏକ ଓ କମ୍ରେଡ ଆର. କୁମାରଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ପରିଚାଳନା କରିଥିଲେ। ପ୍ରତିନିଧି ଅଧିବେଶନର ପ୍ରାରମ୍ଭରେ ସଭାପତିଙ୍କ ଦ୍ୱାରା ଏକ ଶୋକପ୍ରସ୍ତାବ ଆଗତ କରାଯାଇଥିଲା। ଏହି ଶୋକ ପ୍ରସ୍ତାବରେ ଏଆଇୟୁଟିୟୁସିର ପୂର୍ବତନ ସଭାପତି କମ୍ରେଡ୍ ଶଙ୍କର ଶାହା ଓ ପୂର୍ବତନ ସର୍ବଭାରତୀୟ ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ଅଚିନ୍ତ୍ୟ ସିହ୍ନାଙ୍କ ମୃତ୍ୟୁରେ ଶୋକ ବ୍ୟକ୍ତ କରାଯାଇଥିଲା। ଏହାବ୍ୟତୀତ ସଂଗଠନର ୨୧ତମ ସର୍ବଭାରତୀୟ ସମ୍ମିଳନୀ ପରେ ମୃତ୍ୟୁବରଣ କରିଥିବା ଏଆଇୟୁଟିୟୁସିର ସର୍ବଭାରତୀୟ କାର୍ଯ୍ୟକାରୀ କମିଟି ଏବଂ ସାଧାରଣ ପରିଷଦର ସଦସ୍ୟମାନଙ୍କ ପ୍ରତି ସମ୍ମାନର ସହିତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା। ବିଶ୍ୱବ୍ୟାପୀ ପୁଞ୍ଜିବାଦ-ସାମ୍ରାଜ୍ୟବାଦ ବିରୁଦ୍ଧରେ ସଂଗ୍ରାମ କରିବାକୁ ଯାଇ ଜୀବନ ବିସର୍ଜନ ଦେଇଥିବା ସମସ୍ତ ଯୋଦ୍ଧା ମାନଙ୍କ ପ୍ରତି ମଧ୍ୟ ଏହି ଶୋକ ପ୍ରସ୍ତାବରେ ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା। ପ୍ରୟାତ କମ୍ରେଡ୍‌ମାନଙ୍କ ମୃତ୍ୟୁରେ ଦୁଇ ମିନିଟ୍ ନିରବତା ପାଳନ କରାଯାଇଥିଲା।

ସମ୍ମିଳନୀର ମୁଖ୍ୟ ପ୍ରସ୍ତାବ, ସାଧାରଣ ସଂପାଦକଙ୍କର ରାଜନୈତିକ-ସାଂଗଠନିକ ରିପୋର୍ଟ ଏବଂ ଶ୍ରମଜୀବୀ ଜନସାଧାରଣ ସମ୍ମୁଖୀନ ହେଉଥିବା ଜ୍ୱଳନ୍ତ ସମସ୍ୟା ସମେତ ଦାବି ପତ୍ର ଉପରେ ପ୍ରସ୍ତାବ(Resolution on Charter of Demands) ସମ୍ବିଧାନ ସଂଶୋଧନ ପାଇଁ ଆଗତ ପ୍ରସ୍ତାବ ଓ ଅନ୍ୟାନ୍ୟ ୧୩ଟି ଅନ୍ୟ ପ୍ରସ୍ତାବ ଉପରେ ପ୍ରତିନିଧିମାନେ ବ୍ୟାପକ ଚର୍ଚ୍ଚା ଆଲୋଚନା କରିଥିଲେ। ଏହି ଦାବିପତ୍ରକୁ ଭିତ୍ତିକରି ଆଗାମୀ ଦିନରେ ଆନ୍ଦୋଳନର ବ୍ୟାପକ କର୍ମସୂଚୀ ସ୍ଥିର କରିବା ପାଇଁ ସମ୍ମିଳନୀ ନିଷ୍ପତ୍ତି ଗ୍ରହଣ କରିଥିଲା।

ସମ୍ମିଳନୀର ପ୍ରତିନିଧି ଅଧିବେଶନରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳରୁ ବିଭିନ୍ନ ଧରଣର ସ୍କିମ ୱାର୍କର୍ସ ତଥା ସଂଗଠିତ ଓ ଅଣସଂଗଠିତ କ୍ଷେତ୍ରକୁ ପ୍ରତିନିଧିତ୍ୱ କରୁଥିବା ନୂତନ ୧୯୧ଜଣିଆ ସର୍ବଭାରତୀୟ କମିଟି ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲା। ଏମାନଙ୍କ ମଧ୍ୟରେ ୯୬ଜଣ କାର୍ଯ୍ୟକାରୀ କମିଟି, କାର୍ଯ୍ୟକାରୀ କମିଟି ମଧ୍ୟରୁ ୨୪ଜଣ କାର୍ଯ୍ୟନିର୍ବାହୀ ହୋଇଥିଲାବେଳେ ୯୫ଜଣ ସାଧାରଣ ପରିଷଦ ସଭ୍ୟ ଭାବରେ ନିର୍ବାଚିତ ହୋଇଥିଲେ। ସର୍ବଭାରତୀୟ ସଭାପତି ଭାବରେ କମ୍ରେଡ୍ କେ. ରାଧାକ୍ରିଷ୍ଣନ ଓ ସାଧାରଣ ସଂପାଦକ ଭାବରେ କମ୍ରେଡ୍ ଶଙ୍କର ଦାସଗୁପ୍ତ ପୁନଃ ନିର୍ବାଚିତ ହୋଇଛନ୍ତି।

ପ୍ରୋଗ୍ରେସିଭ କଲଚରାଲ ଆସୋସିଏସନ୍ ଅଫ୍ ଇଣ୍ଡିଆ, ଓଡିଶା ଶାଖା ପକ୍ଷରୁ





ପ୍ରଗତିଶୀଳ ସଂଗୀତ, ନାଟକ, ନୃତ୍ୟନାଟିକା ଇତ୍ୟାଦି ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିନିଧି ଅଧିବେଶନର ମଧ୍ୟାନ୍ତର ସମୟରେ ସ୍ଥିରୀକୃତ 'ସାଂସ୍କୃତିକ ଅଧିବେଶନ'ରେ ପରିବେଷଣ କରାଯାଇଥିଲା। ଏହିସବୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସମୟରେ ବିଦେଶରୁ ଆସିଥିବା ଭାତୃପ୍ରତିମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ସମସ୍ତଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା।

ସମ୍ମିଳନୀର ଅନ୍ତିମ ଅଧିବେଶନକୁ ସମ୍ମିଳନୀର ମୁଖ୍ୟ ଅତିଥି ତଥା ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପାର୍ଟିର ସାଧାରଣ ସଂପାଦକ କମ୍ରେଡ୍ ପ୍ରଭାସ ଘୋଷ ଉଦ୍‌ବୋଧନ ଦେଇଥିଲେ। ଆମ ଦେଶ ତଥା ସମଗ୍ର ବିଶ୍ୱର ବର୍ତ୍ତମାନ ପରିସ୍ଥିତିରେ ମରଣମୁଖୀ ପୁଞ୍ଜିବାଦ ଯେତେବେଳେ ସର୍ବୋଚ୍ଚ ମୁନାଫା ଲୁଟ ପାଇଁ କେବଳ ଶ୍ରମଜୀବୀ ଜନସାଧାରଣଙ୍କୁ ନିର୍ଦ୍ଦୟ ଭାବରେ ଶୋଷଣ କରୁନାହିଁ, ସମାଜର ସାମାଜିକ-

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)





## ଅଦିନିଆ ବର୍ଷାରେ . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

କାଗଜରେ ବାହାସ୍ଫୋଟ ମାରୁଛନ୍ତି – ପର୍ଯ୍ୟାପ୍ତ ପରିମାଣରେ ସମସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯିବ। ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ହେଲିକପ୍ଟରରେ ଉଡି ପ୍ରତିଶ୍ରୁତି ସବୁ ବାଣ୍ଟି ଚାଲିଛନ୍ତି। ଅଥଚ କୌଣସି ନିର୍ଦ୍ଦିଷ୍ଟ ପଦକ୍ଷେପ ନେଇ ନାହାନ୍ତି। ପ୍ରଥମ କଥା ହେଲା କ୍ଷୟ କ୍ଷତିର ଆକଳନ କରିବା। ଏ ପର୍ଯ୍ୟନ୍ତ ସରକାରୀ ବାବୁ ମାନେ ମାଟି କାଦୁଅକୁ ଓହ୍ଲାଇ ନାହାନ୍ତି କି ବୀମା କମ୍ପାନୀ କର୍ମଚାରୀ କେହି କ୍ଷେତରୁ କ୍ଷେତ ବୁଲି ଦେଖିବାକୁ ଯାଇନାହାନ୍ତି। ସବୁ ଜିଲାର କଲେକ୍ଟର ମାନଙ୍କୁ କୁଆଡେ ନିର୍ଦ୍ଦେଶ ଦିଆ ଯାଇଛି ତୁରନ୍ତ ସରଜମୀନ ତଦନ୍ତ କରି ରିପୋର୍ଟ ଦେବେ ; ଯାହା ନେତାମାନଙ୍କ ଶ୍ରୀମୁଖରୁ ଶୁଣିବାକୁ ମିଳୁଛି ଟିଭି ଖବର କାଗଜ ମାଧ୍ୟମରେ। ବୀମା ପଞ୍ଜୀକୃତ ଚାଷୀ ମାନଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ହେଲେ ସରକାରୀ କର୍ମଚାରୀଙ୍କର ମିଳିତ ତଦନ୍ତ ଓ ଆକଳନର ବ୍ୟବସ୍ଥା ରହିଛି। ଏଠାରେ ଏ କଥା ସୂଚାଇ ଦେବା ପ୍ରୟୋଜନ ଯେ ୮୦ ରୁ ୮୫ ପ୍ରତିଶତ ଚାଷୀ ବୀମା ପଞ୍ଜୀକରଣ କରିନାହାନ୍ତି କାରଣ ସେମାନେ ସବୁ ଭାଗ ଚାଷୀ। ମାଲିକାନା ନ ଥିବାରୁ ଭାଗ ଚାଷୀ ମାନେ ବୀମା ଭୁକ୍ତ ତ ହୋଇ ପାରନ୍ତି ନାହିଁ, ନିଜ ନାମରେ ବ୍ୟାଙ୍କ, କୋଅପରେଟିଭ ସଂସ୍ଥାରୁ ଋଣ ମଧ୍ୟ ପାଇ ନଥାନ୍ତି। ଫଳସ୍ୱରୂପ ଚଢା ସୁଧରେ ହ୍ୟାଣ୍ଡ ଲୋନ୍ ଆଣି ଚାଷ କରନ୍ତି; ଭଲ ଫସଲ ଉପୁଜାଇ ପାରିଲେ ବର୍ଷକୁ ପରିବାର ପାଇଁ ଖାଦ୍ୟ ବ୍ୟବସ୍ଥା ପରେ ବଳକା ଶସ୍ୟ କୁ ବିକ୍ରି କରି ଋଣ ସୁଝି ସାରି ପିଲାର ଶିକ୍ଷା, ଝିଅ ବାହାଘର ଆଦି ଖର୍ଚ୍ଚ କରିବାର ଯୋଜନା କରି ଥାଆନ୍ତି। ସେହି ସବୁ ହତଭାଗ୍ୟ ଚାଷୀ ଏବେ ହାତ ଉଧାରି ଋଣ ଶୁଝିବେ କେମିତି, ବର୍ଷସାରା ଖାଇବେ କଣ - ଏସବୁ ଚିନ୍ତାରେ ହତାଶା ରେ ଭାଙ୍ଗି ପଡୁଛନ୍ତି। ବିଭାଗୀୟ ମନ୍ତ୍ରୀ ସିଧାସଳଖ କହିଦେଇଛନ୍ତି ଯେ ଭାଗଚାଷୀ କୌଣସି କ୍ଷତିପୂରଣ ପାଇବେ ନାହିଁ। ଏବେ ସରକାର କହୁଛନ୍ତି ବୀମା କରିଥିବା, ନ କରିଥିବା ଚାଷୀ ଙ୍କୁ କ୍ଷତି ପୂରଣ ଦିଆଯିବ। ଏହା ଏକ ଧୂଆଁ ବାଣ। ବୀମା କମ୍ପାନୀ ଦାନୀ ହରିଶ୍ଚନ୍ଦ୍ର ହୋଇ ସମସ୍ତଙ୍କୁ କ୍ଷତି ପୂରଣ କାହିଁକି ଦେବ? କର୍ମଚାରୀ ଅଭାବରୁ ଏ ପର୍ଯ୍ୟନ୍ତ କମ୍ପାନୀ ର କୌଣସି କର୍ମଚାରୀ ଦେଖା ଦେଇ ନାହାନ୍ତି ଯଦିଓ କୋଟି କୋଟି ଟଙ୍କା ବୀମା ରାଶି ଲୁଟି ନେବାରେ କର୍ମଚାରୀ ଅଭାବ ବାଧକ ସାଜି ନାହିଁ। ଯଦି ବୀମା ଅନ୍ତର୍ଭୁକ୍ତ ହୋଇନଥିବା ଚାଷୀ ବା ଭାଗ ଚାଷୀଙ୍କୁ କ୍ଷତି ପୂରଣ ଦେବାକୁ ହୁଏ ତାହାହେଲେ ସରକାରଙ୍କୁ ହିଁ ଦେବାକୁ ହେବ। ଏଥିପାଇଁ ସ୍ୱତନ୍ତ୍ର ଭାବେ ଅର୍ଥ ବ୍ୟବସ୍ଥା କରିବାକୁ ହେବ। ସରକାର ଅବିଳମ୍ବେ ଘୋଷଣା କରିବା ଉଚିତ୍। ବୀମା କମ୍ପାନୀ କେବଳ ଦୁଇଟି ଅବସ୍ଥାରେ କ୍ଷତି ପୂରଣ ଦେବ; ଯେମିତି କ୍ଷେତରେ କ୍ଷତିଗ୍ରସ୍ତ କଟା ହୋଇ ପଡିଥିବା ଏବଂ କଟା ହୋଇ ନଥିବା ଫସଲ ଦେଖିଲା ପରେ ଆକଳନ ହେବ, ହେକ୍ଟର ପିଛା କ୍ଷତି ପୂରଣ ଘୋଷଣା ହେବ। ୧୦ ଦିନ ବିତି ଗଲାଣି, ଚାଷୀ ଅପେକ୍ଷା କରିଛି ଆକଳନକୁ। ଏହା ଭିତରେ ଯାହା ଅବଶିଷ୍ଟ ଫସଲ ବଂଚିଥିଲା, ସେ ବି ଅପେକ୍ଷାରେ ନଷ୍ଟ ହୋଇଗଲାଣି। କେତେକ ଚାଷୀ କ୍ଷତି ପୂରଣ ଆଶା ଛାଡ଼ି ଗଜା ଧାନ କୁ ଘରକୁ ଆଣି ସେଥିରୁ କିଛି ଉଦ୍ଧାର କରିବାକୁ ଅସହାୟ ପ୍ରୟାସ କରୁଛନ୍ତି। ଏଥିରେ ବୀମା କମ୍ପାନୀର ଫାଇଦା ହେବ, କମ୍‌ରୁ କମ୍ କ୍ଷତି ପୂରଣ ଦେବାକୁ ହେବ। ସେଥିପାଇଁ ସମସ୍ତ ପ୍ରକ୍ରିୟା କୁ ବିଳମ୍ବିତ କରୁଛନ୍ତି। ଆହୁରି ମଧ୍ୟ ସରକାରୀ ହିସାବ ଅନୁଯାୟୀ ୨୦ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କ ପାଇଁ ରାଜ୍ୟ ସରକାର ବୀମା ପ୍ରିମିୟମ ଦେଇଛନ୍ତି ମାତ୍ର ଚଳିତ ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ୨ଲକ୍ଷ ୬୧ ହଜାର ଚାଷୀ ଆବେଦନ କରିଛନ୍ତି। ପ୍ରଶ୍ନ ଉଠୁଛି ଅନ୍ୟ ଚାଷୀ କୁଆଡେ ଗଲେ? ଅନ୍‌ଲାଇନ୍ ଆବେଦନର ବ୍ୟବସ୍ଥାକରି ଚାଷୀମାନଙ୍କୁ ବୀମା ସୁବିଧାରୁ ବଂଚିତ କରାଯାଉଛି।

ଚାଷୀଙ୍କର ଅନ୍ୟ ସମସ୍ୟାଟି ହେଲା ମଣ୍ଡି ସମସ୍ୟା। ଦୀର୍ଘ ବର୍ଷ ଧରି ଏହି ସମସ୍ୟା ଲାଗି ରହିଛି। ବିଜେପି ପ୍ରତିଶୃତି ଦେଇଥିଲା ମଣ୍ଡିରେ ସବୁ କିଛି ସୁବ୍ୟବସ୍ଥିତ ହେବ। ସରକାର କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କାରେ ଚାଷୀଙ୍କଠାରୁ ଧାନ କିଣିବେ, କୌଣସି ଦଲାଲ୍ ଚାଷୀଙ୍କୁ ଠକି ପାରିବେ ନାହିଁ। କିନ୍ତୁ ତାହା ତ ହେଲା ନାହିଁ ବରଂ ପୂର୍ବ ବର୍ଷରେ ସରକାର ଏହି ସମୟ ସୁଦ୍ଧା ଯେତିକି ପରିମାଣର ଧାନ ଉଠାଇ ଥିଲେ ତାର ଅଧା ବି ଉଠାଇ ନାହାଁନ୍ତି ବିଜେପି ସରକାର। ନଭେମ୍ବର ୨୦ରୁ ମଣ୍ଡି ବିଭିନ୍ନ ସ୍ଥାନରେ ଖୋଲିଲାଣି। ହଜାର ହଜାର କୁଇଣ୍ଟାଲ ଧାନ ମଣ୍ଡିରେ ମାସ ମାସ ପଡି ରହିଛି। ବର୍ଷାରେ ସେସବୁ ଧାନ ଗଜା ହୋଇ ଉଠିଲାଣି। ଏଥିରୁ ହତୋତ୍ସାହିତ ହୋଇ କମ୍ ମୂଲ୍ୟରେ ଦଲାଲ୍ ମାନଙ୍କୁ କିମ୍ବା ମିଲ୍ ମାଲିକଙ୍କୁ ଧାନ ବିକିବାକୁ ବାଧ୍ୟ ହେଉଛି ଚାଷୀ। ସମବାୟ ସମିତି ତରଫରୁ ଆବଶ୍ୟକ ସଂଖ୍ୟାରେ ଅଖା ବନ୍ଦୋବସ୍ତ କରି ନ ପାରିବା, ଗ୍ରେନ ଆନାଲାଇଜର ମେସିନ(Grain analyser machine) ଦ୍ୱାରା ଧାନର ଏଫ୍‌କ୍ୟୁ( FAQ-Fair Average Quality) ନିର୍ଦ୍ଧାରଣ କରି କୁଇଣ୍ଟାଲରେ ୮% ପର୍ଯ୍ୟନ୍ତ ଓଜନ ପରିମାଣ କମାଇ ଦିଆଯିବା, ପାଣିରୁ ଉଦ୍ଧାର ହୋଇଥିବା ଧାନର ମାନ ନିର୍ଦ୍ଧାରଣ ପଦ୍ଧତିରୁ ସମ୍ଭାବ୍ୟ କ୍ଷତି ଇତ୍ୟାଦି ବହୁବିଧ ସମସ୍ୟାରେ ଯୁଝୁଛନ୍ତି ଚାଷୀ।

ସାରା ଭାରତବର୍ଷରେ ବି ଏହାଠାରୁ ଭୟଙ୍କର ଅବସ୍ଥା। ସରକାରୀ ତଥ୍ୟ ଅନୁସାରେ ୨୦୨୨ ସୁଦ୍ଧା ବିଗତ ୧୦ ବର୍ଷ ଭିତରେ ୧୧୨୦୦୦ ଜଣ ଓ ପ୍ରତିବର୍ଷ ହାରାହାରି ୧୦୦୦୦ରୁ ଅଧିକ ଚାଷୀ ଓ କୃଷି ଶ୍ରମିକ ଆତ୍ମହତ୍ୟା କରିଛନ୍ତି। ଚାଷୀକୂଳ ଉଚ୍ଛନ୍ନ ହେଉଥିଲାବେଳେ ସରକାରୀ ଉଦାସୀନତା ସାଙ୍ଗକୁ ବୀମା କମ୍ପାନୀମାନେ ହଜାର ହଜାର କୋଟି ଟଙ୍କାର ଲାଭ ଉଠାଇଛନ୍ତି ; ସରକାରୀ ଅଧିକାରୀ ଓ ବୀମା କମ୍ପାନୀର ମଧୁଚନ୍ଦ୍ରିକା ଫଳରେ ଚାଷୀ ମୂଲିଆଙ୍କ ଜୀବନ ଦୁର୍ବିସହ ହୋଇଛି।

ଏହି ପରିସ୍ଥିତିରେ ଉପରୋକ୍ତ ଉଦବେଗଜନକ ସ୍ଥିତି ଓ ସରକାରୀ ଉଦାସୀନତା ବିରୁଦ୍ଧରେ ସାରା ରାଜ୍ୟରେ ଦୁର୍ବାର ଆନ୍ଦୋଳନ ଗଢି ତୋଳିବା ଅବଶ୍ୟମ୍ଭାବୀ ହୋଇ ପଡିଛି।

★ ★ ★

## ବିପର୍ଯ୍ୟସ୍ତ ସରକାରୀ . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ହେଉଛନ୍ତି ଏବଂ ଶିକ୍ଷକମାନେ ପ୍ରଶାସନିକ ନିର୍ଯ୍ୟାତନା ଓ ଶୋଷଣର ଶୀକାର ହେଉଛନ୍ତି।

ରାଜ୍ୟର ନୂତନ ବିଜେପି ସରକାରକୁ ୬ମାସ ପୂରିଲାଣି। କିନ୍ତୁ ପୂର୍ବଭଳି ବିଦ୍ୟାଳୟ ଗୁଡିକରେ ଶିକ୍ଷାବର୍ଷ ସରିବାକୁ ବସିଥିଲେ ବି ସଂପୂର୍ଣ୍ଣଭାବେ ପାଠ୍ୟ ପୁସ୍ତକ ପହଞ୍ଚିନାହିଁ। ପ୍ରତ୍ୟାଶିତ ଫଳାଫଳ ପୁସ୍ତିକା ଯାହାକୁ ଶିକ୍ଷକମାନଙ୍କ ମାର୍ଗଦର୍ଶିକା ପୁସ୍ତିକା କୁହାଯାଇଛି ତାହା ମଧ୍ୟ ଉପଲବ୍ଧ ହେଉନାହିଁ କିମ୍ବା କ୍ଲଷ୍ଟର ସ୍କୁଲ ଏବଂ କୌଣସି ବିଦ୍ୟାଳୟରେ କାଭାଁ ଉପଲବ୍ଧ ହେଉଅଛି। କାର୍ଯ୍ୟ ପୁସ୍ତିକା ଠିକ୍ ସମୟରେ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚ ପାରୁନାହିଁ। ଏହା ଫଳରେ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ବସିଛନ୍ତି। ଏଭଳି ଏକ ବିଷମ ପରିସ୍ଥିତିରେ କିଭଳି ଶିକ୍ଷାଦାନ କରିବେ ବୁଝିପାରୁନାହାନ୍ତି।

ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ ହେବାପରେ ଏଫ୍ଏଲ୍ଏନ୍(Foundational Literacy & Numeracy) ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନକୁ ପ୍ରାଥମିକ ଶ୍ରେଣୀରେ ନିଶ୍ଚିତ କରିବା ନାଁରେ ବିଭିନ୍ନ ତାଲିମ ଓ ପରୀକ୍ଷାମୂଳକ ଶିକ୍ଷାଦାନ କରାଯାଉଛି। ବ୍ୟାପକ ମାତ୍ରାରେ ଏଫ୍ଏଲ୍ଏନ୍ ପାଠ୍ୟ ଯୋଜନା ପ୍ରସ୍ତୁତ କରି ଶ୍ରେଣୀରେ ପାଠପଢାର ବ୍ୟବସ୍ଥା କରାଯାଉଛି। କୋଟି କୋଟି ଟଙ୍କା ବିନିଯୋଗ କରାଯାଇ ଏଫ୍ଏଲ୍ଏନ୍ ଶ୍ରେଣୀକୋଠରୀ ସଜାଇ ଦିଆଯାଇଛି। ବର୍ଣ୍ଣାଢ୍ୟ ଶ୍ରେଣୀ କୋଠରୀ ଯଦିଓ ଆକର୍ଷଣୀୟ ତଥାପ ଅଶୀ ପ୍ରତିଶତ ଛାତ୍ରଛାତ୍ରୀ ଯେ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ହାସଲ କରିପାରିନାହାନ୍ତି, ଏହି ବାସ୍ତବ ତଥ୍ୟକୁ ଅସ୍ୱୀକାର କରିପାରୁ ନାହାନ୍ତି।

ଏଫ୍ଏଲ୍ଏନ୍ କାର୍ଯ୍ୟକ୍ରମ ପାଇଁ ସମସ୍ତ ଜିଲ୍ଲାରେ ଥିବା ଡିଆଇଇଟି(District Institution of Education & Training) ପକ୍ଷରୁ କେତେଗୁଡିଏ ଏନ୍‌ଜିଓ ତଥା ସରକାରୀ ପୃଷ୍ଠପୋଷକ କେତେକ ଅଭିଜ୍ଞ ଶିକ୍ଷକମାନଙ୍କ ପାଣିଭଳି ଟଙ୍କା ଖର୍ଚ୍ଚ ହେଉଅଛି ଯେଉଁଥିରୁ ଦୁର୍ନୀତିର ଗନ୍ଧ ମଧ୍ୟ ବାରି ହୋଇପଡୁଛି। ଏଫ୍ଏଲ୍ଏନ୍ ଭଳି କାର୍ଯ୍ୟକ୍ରମର ସୁଫଳ କାହିଁକି ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚି ପାରୁନାହିଁ। ସେ ସଂପର୍କରେ ପୁଣି ଜାତୀୟ ଶିକ୍ଷାନୀତି ୨୦୨୦ରେ କୁହାଯାଇଛି- ପିଲାମାନଙ୍କୁ ଚାପମୁକ୍ତ କରିବା ପାଇଁ ବିଦ୍ୟାଳୟ ଗୁଡିକରେ ବସ୍ତାନୀମୁକ୍ତ ଦିବସ(Bagless Day) ପାଳନ କରିବା ପାଇଁ ବିଦ୍ୟାଳୟଗୁଡିକ ଯତ୍ନବାନ ହେବେ। ପିଲାଏ ପସନ୍ଦ କରୁଥିବା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଯୋଜନା ପ୍ରସ୍ତୁତ କରିବେ, ଆନନ୍ଦଦାୟୀ ଶିକ୍ଷା ପ୍ରଦାନ ନିଶ୍ଚିତ କରିବେ। ପୁନଶ୍ଚ ବର୍ଷସାରା ବିଭିନ୍ନ ଦିବସ ପାଳନ ପାଇଁ ଆସୁଥିବା ସରକାରୀ ନିର୍ଦ୍ଦେଶନାମାକୁ ଯଥା ସମୟରେ ସମାପନ କରିବେ। ଏହା ସହିତ ଆକସ୍ମିକ ଭାବେ ଆଉ କିଛି ଦିବସ ପାଳନ ଆୟୋଜନ କରିବାକୁ ସ୍ଥିର କରାଯାଉଛି। ପାଠପଢା ପାଇଁ ଧାର୍ଯ୍ୟ ଦିବସଠାରୁ ପାଳନୀୟ ଦିବସ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଆଗକୁ ଆହୁରି ବ୍ୟାପକ ହେବ ଯାହା ଜଳ ଜଳ ହୋଇ ଦେଖାଗଲାଣି। ଏହିଭଳିଭାବେ ବିଜେପି ସରକାର ସରକାରୀ ବିଦ୍ୟାଳୟର ପାଠପଢ଼ା ଦିନକୁ ଦିନ ସଂକୁଚିତ କରିବାର ନୀତି ଗ୍ରହଣ କରିଚାଲିଛି।

'ମଣିଷ ତିଆରି କାରଖାନାର ବିଧାଣୀ ଶିକ୍ଷକମାନେ ଚପଳମତି ଶିଶୁମାନଙ୍କୁ ପୂର୍ଣ୍ଣାଙ୍ଗ ମଣିଷରେ ପରିଣତ କରିବାର ଦାୟିତ୍ୱ ନେଇଥାନ୍ତି।' ସରକାରୀ ଶିକ୍ଷା ବ୍ୟବସ୍ଥାରେ ପ୍ରଦାନ କରାଯାଉଥିବା ପାଠ୍ୟଖସଡାଠାରୁ ଆରମ୍ଭ କରି ପରିପୂର୍ଣ୍ଣ ମଣିଷ ଗଢ଼ିବାର ସମସ୍ତ କାର୍ଯ୍ୟ ଶିକ୍ଷକମାନେ ଶୃଙ୍ଖଳିତଭାବେ ନିର୍ବାହ କରିଥାନ୍ତି। ଏହି କଥାଗୁଡିକ ସରକାର ଖୁବ ତୁମ୍ବିତୁଫାନ କରି କହୁଛନ୍ତି। ଜାତୀୟ ଶିକ୍ଷାନୀତି ୨୦୨୦ରେ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ କୁହାଯାଇଛି- "Teachers shape the future of our children, so they shape the future of our Nation। ଏତେବଡ ଗୁରୁଦାୟିତ୍ୱ ଯେଉଁମାନଙ୍କ ଉପରେ ନ୍ୟସ୍ତ କରାଯିବା କଥା କୁହାଯାଇଛି, ବାସ୍ତବରେ କାର୍ଯ୍ୟକ୍ଷେତ୍ରରେ କିନ୍ତୁ ତାହା ଓଲଟା ଆଚରଣ ଶିକ୍ଷକମାନଙ୍କ ଉପରେ ସରକାରମାନେ ପ୍ରୟୋଗ କରୁଛନ୍ତି।

ସରକାରମାନେ ଭେଦ ଶାସନ ନୀତି (Divide and Rule Policy) ଏଠି ସ୍ପଷ୍ଟ ବାରି ହୋଇ ପଡେ। ଗୋଟିଏ ପଟେ ଦଣ୍ଡମୁକ୍ତ ଅଂଚଳ, ଶିଶୁ କୈନ୍ଦ୍ରିକ ଶିକ୍ଷା, ଆରଟିଇ, ଏସ୍ଏସ୍ଏ ଭଳି ସୁଶ୍ରାବ୍ୟ ଶବ୍ଦ ସମୂହର ବ୍ୟବହାର କରି ଶିଶୁ ମଧ୍ୟରେ ନବ ଉନ୍ମାଦନା ସୃଷ୍ଟି କଥା କୁହାଯାଉଛି ଓ ଅନ୍ୟପଟରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଉପରିସ୍ଥ ଅଧିକାରୀ ଏପରିକି ଶିଶୁ ମାନଙ୍କ ସମ୍ମୁଖରେ ଅନେକ ସମୟରେ ଅପମାନିତ ଓ ଲାଞ୍ଛିତ କରାଯାଉଛି। ଏହାଦ୍ୱାରା ଶିକ୍ଷକମାନେ ମାନସିକ ଭାବେ ନିର୍ଯ୍ୟାତିତ ହୋଇ କାଳାତିପାତ କରୁଛନ୍ତି। ଦରମା ବ୍ୟତୀତ ଶିକ୍ଷକମାନଙ୍କ ମର୍ଯ୍ୟାଦା, ସମ୍ମାନର ସହ ବଂଚିବାର ସ୍ୱାଧୀନତା ରହିଛି। ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ଦେବା ନିମନ୍ତେ ଶିକ୍ଷକମାନଙ୍କୁ ଯେତିକି ବି ସ୍ୱାଧୀନତା ଦିଆଯାଇଥିଲା ତାହା ଆଜି ଆଉ ନାହିଁ ବରଂ ଶିକ୍ଷା ବହିର୍ଭୂତ ସରକାରୀ ଦାୟିତ୍ୱ ଚାପି ଦେଇ ଗଧଭଳି ଖଟିବା ପାଇଁ ବାଧ୍ୟ କରାଯାଉଅଛି। ଏହା ବାଦ ଶିକ୍ଷକମାନଙ୍କ ଭିତରେ ବି ବିଭେଦ ସୃଷ୍ଟି କରାଯାଉଛି, ବିଭିନ୍ନ ନାମ ଦେଇ ଯଥା- କନିଷ୍ଠ ଶିକ୍ଷକ, ନିୟମିତ ଶିକ୍ଷକ, ଗଣଶିକ୍ଷକ ଇତ୍ୟାଦି। ଦୀର୍ଘବର୍ଷ ଚାକିରି କରିଥିବା ଯୋଗ୍ୟ ଏବଂ ଅଭିଜ୍ଞ ଶିକ୍ଷକମାନଙ୍କୁ ଓଟିଇଟି ପରୀକ୍ଷା ଦେଇ ପ୍ରମୋସନ ନେବା ପାଇଁ ବାଧ୍ୟ କରିବା ଏକ ଅଗଣତାନ୍ତ୍ରିକ ଏବଂ ଅମାନବିକ ନୀତି ଛଡା ଆଉ କ'ଣ ହୋଇପାରେ ? ଯେଉଁ ଶିକ୍ଷକମାନେ ଶିକ୍ଷକ ହେବାର ସମସ୍ତ ପ୍ରକାର ମାନଦଣ୍ଡ ପାର ହୋଇ ୨୫/୩୦ ବର୍ଷ ହେଲା ଶିକ୍ଷକତା କରୁଛନ୍ତି, ସେମାନଙ୍କୁ ଏଭଳି ଆଚରଣ ଦେଖାଇବା ଅର୍ଥ ସେମାନଙ୍କୁ ଘୋର ମାନସିକ ନିର୍ଯ୍ୟାତନା ଦେଇ ଗଭୀର ଅଶାନ୍ତି ମଧ୍ୟରେ ପକାଇ ଦେବାଭଳି କଥା। ଏମିତି କିଛି ଶିକ୍ଷକ ଅଛନ୍ତି ଯେଉଁମାନେ ପଦୋନ୍ନତି ପାଇଯାଇଛନ୍ତି କିନ୍ତୁ ତାହାକୁ ଅବୈଧ ବୋଲି ଦର୍ଶାଇ ପଦାବନତି କରିବାର ଚକ୍ରାନ୍ତ ମଧ୍ୟରେ ଶିକ୍ଷକମାନଙ୍କୁ ଚରମ ଆର୍ଥିକ ଦୁର୍ଗତି ଏବଂ ଅପମାନଜନକ ସ୍ଥିତିକୁ ସରକାର ଠେଲି ଦେଉଛନ୍ତି। ଏହାର ପରିଣତିରେ ହଜାର ହଜାର ଶିକ୍ଷକ ପରିବାରରେ ହାହାକାର ପଡିଯାଇଛି। ପଦାବନତି ଭଳି ଅପମାନଜନକ ସର୍ତ୍ତାବଳୀ, ଓଟିଇଟି ପରୀକ୍ଷା ନାମରେ ମାନସିକ ନିର୍ଯ୍ୟାତନା ଯଥେଷ୍ଟ ହେଲାନାହିଁ ଯେ, ସେମାନଙ୍କ ନୈତିକ ମେରୁଦଣ୍ଡ ଭାଙ୍ଗି ଦେଲାଭଳି କାର୍ଯ୍ୟକ୍ରମରେ ପୁଣି ସେମାନଙ୍କୁ ବାଧ୍ୟକରି ନିୟୋଜିତ କରାଯାଉଛି। ଯେମିତି ଶିକ୍ଷକମାନଙ୍କ ଦ୍ୱାରା ମଧ୍ୟାହ୍ନ ଭୋଜନ ପରିଚାଳନା(MDM)। ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପାଠପଢାଠାରୁ ବି ଆହୁରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହେଉଛି ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପରିଚାଳନା। ଉକ୍ତ କାର୍ଯ୍ୟକ୍ରମରେ ପିଲାଙ୍କୁ(ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ) ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଥାଏ। ଡିସେମ୍ବର ୨୦୨୪ରୁ ଯାହାର ମୂଲ୍ୟ ଜଣକ ପ୍ରତି ପ୍ରାଥମିକ ଶ୍ରେଣୀ(୧ରୁ୫ମ) ୭ଟଙ୍କା ୬୪ପଇସା ଏବଂ ଉଚ୍ଚ ପ୍ରାଥମିକ ଶ୍ରେଣୀ(୬ଷ୍ଠ-୮ମ) ୧୦ଟଙ୍କା ୯୪ପଇସା ବର୍ତ୍ତମାନ ଦିଆଯାଉଛି। ପୂର୍ବରୁ ଏହାର ମୂଲ୍ୟ ଯଥାକ୍ରମେ ଟ୫.୯୦ ଓ ୮.୮୨ପଇସା ଥିଲା ଯାହା ବଜାର ଦର ତୁଳନାରେ କିଛି ବି ନୁହେଁ। ଯେତେବେଳେ ପନିପରିବା ବଜାରରେ ହାତମାରି ହୁଏନା, ସେତେବେଳେ ଯାଞ୍ଚ ଅଧିକାରୀ ଉପରିସ୍ଥ ଅଧିକାରୀ, ଏସ୍ଏଚଜି(SHG) ଏବଂ ଏସ୍ଏମ୍ସି(SMC)ର କଡା ତାଗିଦ ଯେପରି ମଧ୍ୟାହ୍ନ ଭୋଜନର ଗୁଣାତ୍ମକମାନ କମି ନଯାଏ। ଏତେ ସ୍ୱଳ୍ପ ମୂଲ୍ୟରେ କିପରି ପୌଷ୍ଟିକ ଆହାର ପ୍ରଦାନ କରାଯିବ ତାହା କ'ଣ ସରକାରଙ୍କ ଚିନ୍ତା କରିବା କଥା ନୁହେଁ ? ପୁଣି ସାପ୍ତାହିକ ଏହି ପଇସା ଭିତରେ୨ଥର ଅଣ୍ଡା ତରକାରୀ ପାଇଁ ବ୍ୟବସ୍ଥା କରାଯାଉଛି। ଜାଳେଣି କାଠ ଓ ରନ୍ଧନଗ୍ୟାସର ଦର କିପରି ବଢ଼ି ବଢ଼ି ଚାଲିଛି, ତାର ହିସାବ ସରକାର କିମ୍ବା ଅନ୍ୟ ଅଧିକାରୀଗଣ ରଖନ୍ତି କି ନାହିଁ ତାହା ସେମାନଙ୍କୁ ଜଣା। ଗୋଟିଏ ପଟେ ସରକାର ଡିଣ୍ଡିମ ବଜାଇ କହୁଛନ୍ତି ଯେ, ଆମେ ପିଲାଙ୍କୁ ମାନସିକ ଓ ଶାରିରୀକ ଭାବେ ସୁସ୍ଥ ରଖିବାପାଇଁ ବିଦ୍ୟାଳୟରେ ଦିନବେଳା ପୌଷ୍ଟିକ ଆହାରର ବ୍ୟବସ୍ଥା କରିଛୁ ଅନ୍ୟପଟରେ ଦୟା ଦେଖାଇଲା ଭଳି ରେସନ କଷ୍ଟ ନାଁରେ ମାତ୍ର ୭ଟଙ୍କା ୬୪ପଇସା ଓ ୧୦ଟଙ୍କା ୯୪ ପଇସା ବ୍ୟୟ ବରାଦ କରିଛନ୍ତି। ଏଥିଯୋଗୁ ଶିକ୍ଷକ ଶିକ୍ଷୟିତ୍ରୀ ମାନସିକ ଚାପଗ୍ରସ୍ତ ହୋଇ ଖଟୁଛନ୍ତି। ଅଧିକ ସମୟ ଦେଇ ପରିବା ସଂଗ୍ରହ, ଜାଳେଣି ସଂଗ୍ରହ ବିଦ୍ୟାଳୟରେ ପରିବା ଚାଷ ଭଳି ଅନେକ ଅଣଶୈକ୍ଷିକ କାର୍ଯ୍ୟରେ ସିଂହଭାଗ ସମୟ ଦେଉଛନ୍ତି ଏବଂ କେତେକ କ୍ଷେତ୍ରରେ ଭୁଲ ପନ୍ଥାର ଆଶ୍ରୟ ନେବା ପାଇଁ ବାଧ ହେଉଛନ୍ତି। ଏହାଫଳରେ ବିପର୍ଯ୍ୟସ୍ତ ଶିକ୍ଷା, ଆହୁରି ରସାତଳଗାମୀ ହେଉଛି।

ମଧ୍ୟାହ୍ନ ଭୋଜନ ପରିଚାଳନା ବ୍ୟତୀତ ଆହୁରି ଅନେକ ଦାୟିତ୍ୱରେ ଶିକ୍ଷକମାନଙ୍କୁ କୌଶଳ କରି ଛନ୍ଦି ଦିଆଯାଉଛି। ଛାତ୍ରଛାତ୍ରୀମାନଙ୍କୁ ୟୁନିଫର୍ମ ବଣ୍ଟନର ଦାୟିତ୍ୱ ଦିଆଯାଇଛି। ଏଥିରେ ଶିକ୍ଷକମାନେ ଏସ୍ଏମ୍ସି ରିଜୋଲ୍ୟୁସନ୍ କରିବେ, ପୋଷାକ ବିତରକଙ୍କୁ ଚେକ ପ୍ରଦାନ କରିବେ ଏବଂ ପୋଷାକର ଗୁଣବତ୍ତା ନିଶ୍ଚିତ କରିବେ କିନ୍ତୁ ଉପରିସ୍ଥ ଅଧିକାରୀ ବିତରକଙ୍କୁ ନିଯୁକ୍ତି ଦେବେ। ଅଧସ୍ତନ କର୍ମଚାରୀ ଭାବରେ ଶିକ୍ଷକମାନେ ପୋଷାକର ଗୁଣବତ୍ତା ଉପରେ ପ୍ରଶ୍ନ କଲେ 'ଦରମା ବନ୍ଦ' କରିଦେବା ଭଳି ଧମକ ଶୁଣିବାକୁ ମିଳେ। ବିଦ୍ୟାଳୟ କାର୍ଯ୍ୟକ୍ରମରେ ୟୁଡାଇସ (UDISE)ରେ ତଥ୍ୟ ଭରିବା, HPPARID ଖୋଲିବା ଭଳି ଅଣଶିକ୍ଷକ କାର୍ଯ୍ୟ ମଧ୍ୟ ଶିକ୍ଷକମାନଙ୍କ ପାଇଁ ଥୁଆ ତାହା ପୁଣି ନେଟ ମାଧ୍ୟମରେ କରନ୍ତି। ଅନଲାଇନ୍‌ରେ ବିଭିନ୍ନ ତାଲିମ ଗ୍ରହଣ ପାଇଁ ସମୟ ଦେବାକୁ ହୁଏ। ଏହିଭଳି ଅନେକ କାର୍ଯ୍ୟରେ ଛନ୍ଦି ହୋଇ ଶିକ୍ଷକ/ଶିକ୍ଷୟିତ୍ରୀ ମୌଳିକ କାର୍ଯ୍ୟଦକ୍ଷତା ହ୍ରାସ ହୋଇ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଏକ ବିଷମ ସ୍ଥିତି ସୃଷ୍ଟି ହୋଇଛି। ଏଭଳି ପରିସ୍ଥିତିର କିଭଳି ମୁକାବିଲା କରାଯିବ ସେଇ ଦୃଷ୍ଟିକୋଣରେ ଶିକ୍ଷକ ସମାଜ କାଳ କାଟୁଛି। ସମାଜରେ ଶିକ୍ଷକମାନଙ୍କ ମର୍ଯ୍ୟାଦା ଓ ସମ୍ମାନ ଜନମାନସରେ ନିନ୍ଦିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେବା, ଅବୈଜ୍ଞାନିକ ପାଠ୍ୟଖସଡା ପ୍ରଣୟନ ତଥା ଯାବତୀୟ ଅଣଶୈକ୍ଷିକ କାର୍ଯ୍ୟକ୍ରମ ମାଧ୍ୟମରେ ବସ୍ତୁତଃ ଶିକ୍ଷାଦାନକୁ ଧ୍ୱଂସ କରିବାର ପରିକଳ୍ପନା ଏକ ସୁଚିନ୍ତିତ ଷଡଯନ୍ତ୍ର ଛଡା ଆଉ କ'ଣ ହୋଇପାରେ।

ବିଦ୍ୟାଳୟରେ ଶିକ୍ଷକ ଅଭାବ କଥା ସରକାର ମଧ୍ୟ ସ୍ୱୀକାର କରନ୍ତି, ମାତ୍ର ଏହା ଦୂର କରିବା ପାଇଁ କୌଣସି ଉଦ୍ୟମ ନାହିଁ। ମାତ୍ର ଶୀରୋନାସ୍ତି ଶୀରପୀଡା ନ୍ୟାୟରେ ଅଳ୍ପ ପିଲା ଦର୍ଶାଇ ବିଦ୍ୟାଳୟ ବନ୍ଦ କରିଦେବାଭଳି ଅଗଣତାନ୍ତ୍ରିକ ଓ ଅମାନବୀୟ ନୀତି ସରକାର ଆପଣାଇଛନ୍ତି। ଶିକ୍ଷକ ଅଭାବ, ପାଠ୍ୟପୁସ୍ତକ ଅଭାବ, ଅବୈଜ୍ଞାନିକ ପାଠ୍ୟକ୍ରମ ଓ ତାଲିମ ନୀତି ପ୍ରଣୟନ, ଶିକ୍ଷକମାନଙ୍କୁ ଅଣଶୈକ୍ଷକ କାର୍ଯ୍ୟକ୍ରମର ବୋଝ ପ୍ରଦାନ, ପ୍ରମୋସନ ନାଁରେ ମାନସିକ ନିର୍ଯ୍ୟାତନା ପ୍ରଭୃତି କାର୍ଯ୍ୟକ୍ରମ ଦ୍ୱାରା ସରକାରୀ ପ୍ରାଥମିକ ଶିକ୍ଷାକୁ ଧ୍ୱଂସ କରିଦେବାର ଚକ୍ରାନ୍ତ ସରକାର କରୁଛନ୍ତି। ଏହି ଚକ୍ରାନ୍ତ ପଛରେ ଥିବା ଉଦ୍ଦେଶ୍ୟ ମଧ୍ୟ ଆଉ ଅଛପା ନାହିଁ। ସରକାରୀ ଶିକ୍ଷା ଧ୍ୱଂସ ସ୍ତୁପରେ ଛତୁ ଫୁଟିଲା ପରି ହଜାର ହଜାର ଲାଭଭିତ୍ତିକ ବେସରକାରୀ ଶିକ୍ଷାନୁଷ୍ଠାନ ଆହୁରି ବ୍ୟାପକ ମାତ୍ରାରେ ଖୋଲିବ। ଏଥିପାଇଁ ରାଜ୍ୟ ବିଜେପି ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିକ୍ଷାଧିକାରୀ(DEO), ବ୍ଲକ୍ ଶିକ୍ଷା ଅଧିକାରୀ(BEO) ମାନଙ୍କ ପାଖରେ ବହୁ ଘରୋଇ ସଂସ୍ଥା ପକ୍ଷରୁ ଅନେକ ଆବେଦନ ପତ୍ର ଜମା ହେଲାଣି। ଗାଁ ଗାଁ ରେ ସରକାରୀ ସ୍କୁଲ ବନ୍ଦ ହେବ। ବ୍ୟାପକ ମାତ୍ରାରେ ଘରୋଇ ଲାଭ ଭିତ୍ତିକ ବେସରକାରୀ ଶିକ୍ଷାନୁଷ୍ଠାନ ଜନସାଧାରଣଙ୍କୁ ଲୁଟିବେ, ସାଧାରଣ ଘରର ପିଲାଙ୍କ ପାଇଁ ପ୍ରାଥମିକ ଶିକ୍ଷା ଭଳି ଅପହଂଚ ହୋଇଯିବ। ଏହା ହିଁ ରାଜ୍ୟର ଡବଲ ଇଞ୍ଜିନ ସରକାରଙ୍କ ଶିକ୍ଷା ନୀତି। ଏଥିରୁ ସ୍ପଷ୍ଟ ଅନୁମେୟ ରାଜ୍ୟର ସରକାରୀ ପ୍ରାଥମିକ ଶିକ୍ଷାର ଗତି କୁଆଡେ ?

ସରକାରଙ୍କ ଏଭଳି ଅଭିସନ୍ଧିମୂଳକ ଯୋଜନାକୁ ପ୍ରତିହତ କରିବାକୁ ହେଲେ ଜନସାଧାରଣଙ୍କ ପାଖରେ ଗୋଟିଏ ମାତ୍ର ରାସ୍ତା ଅଛି, ତାହା ହେଉଛି ସଂଗଠିତ ପ୍ରତିବାଦ, ଆନ୍ଦୋଳନ ଗଢି ତୋଳି ଶିଶୁମାନଙ୍କର ଭବିଷ୍ୟତକୁ ରକ୍ଷା କରିବା।

★★★

## ଭୁବନେଶ୍ୱର ଏଆଇୟୁଟିୟୁସି . . .

(୫ମ ପୃଷ୍ଠାର ଅବଶିଷ୍ଟାଂଶ)

ସାଂସ୍କୃତିକ ଭିତ୍ତି ଉପରେ ଧ୍ୱଂସାତ୍ମକ ଆକ୍ରମଣ ଚଳାଇଛି ଏବଂ ଏହି ପ୍ରକ୍ରିୟାରେ ଶ୍ରମିକଶ୍ରେଣୀ ସମେତ ସାଧାରଣ ଲୋକଙ୍କ ମାନବୀୟ ମୂଲ୍ୟବୋଧକୁ ଧ୍ୱଂସ କରୁଛି, ସେହି ସମୟରେ ଏଆଇୟୁଟିୟୁସି ଭଳି ଗୋଟିଏ ବିପ୍ଳବୀ ଟ୍ରେଡ୍ ୟୁନିୟନର ନେତା, ସଂଗଠକ ଓ କର୍ମକର୍ତ୍ତା ମାନଙ୍କର ଅତ୍ୟାବଶ୍ୟକ ଦାୟିତ୍ୱ ସଂପର୍କରେ କମ୍ରେଡ୍ ପ୍ରଭାସ ଘୋଷ ତାଙ୍କ ମୂଲ୍ୟବାନ ବକ୍ତବ୍ୟରେ ଆଲୋଚନା କରିଥିଲେ। ସେ କହିଥିଲେ, ପ୍ରତିକ୍ରିୟାଶୀଳ ପୁଞ୍ଜିବାଦର ସର୍ବାତ୍ମକ ଆକ୍ରମଣରୁ କେବଳ ମାତ୍ର ଗୋଟିଏ ଶ୍ରେଣୀ ଭାବରେ ଏହାକୁ ମୁକ୍ତ କରିବାର ଦାୟିତ୍ୱ ଐତିହାସିକ ଭାବରେ ଶ୍ରମିକ ଶ୍ରେଣୀ ଉପରେ ନ୍ୟସ୍ତ ହୋଇନାହିଁ; ମାତ୍ର ଶ୍ରମିକ ଶ୍ରେଣୀକୁହିଁ ସମଗ୍ର ମାନବ ଜାତିକୁ ମଣିଷ ଉପରେ ମଣିଷର ଶୋଷଣରୁ ମୁକ୍ତ କରିବାକୁ ହେବ। ଏହି ଐତିହାସିକ ଦାୟିତ୍ୱ ପାଳନ ପାଇଁ ଉପଯୁକ୍ତ ହେବାପାଇଁ ବିପ୍ଳବୀ ଟ୍ରେଡ୍ ୟୁନିୟନର କର୍ମକର୍ତ୍ତା ମାନଙ୍କୁ ସର୍ବହରା ଶ୍ରେଣୀ ଦୃଷ୍ଟିଭଙ୍ଗୀ ଏବଂ ସର୍ବହରା ସଂସ୍କୃତିରେ ଶାଣିତ ହେବାକୁ ପଡିବ। ଏହାହିଁ ସମୟର ଜରୁରୀ ଆହ୍ୱାନ ବୋଲି ମତବ୍ୟକ୍ତ କରି କମ୍ରେଡ୍ ପ୍ରଭାସ ଘୋଷ ତାଙ୍କର ବକ୍ତବ୍ୟ ଶେଷ କରିଥିଲେ।




ଏଆଇୟୁଟିୟୁସିର ପୂର୍ବତନ ସଭାପତି କମ୍ରେଡ୍ ଶିବଦାସ ଘୋଷଙ୍କ ଉପରେ ରଚିତ ସଂଗୀତ ଏବଂ ଆନ୍ତର୍ଜାତୀୟ ସଂଗୀତ ପରିବେଷଣ ପରେ ସମ୍ମିଳନୀ ସମାପ୍ତ ହୋଇଥିଲା। ★★★

# ଅପହଂଚ ସ୍ୱାସ୍ଥ୍ୟ ବ୍ୟବସ୍ଥା- ଗୋଟିଏ ପଟରେ କୂଅ ଅନ୍ୟପଟରେ ଖାଇ

ଦେଶରେ, ବିଶେଷକରି ଆମ ରାଜ୍ୟରେ ସ୍ୱାସ୍ଥ୍ୟସେବାର ଦୁରାବସ୍ଥା କଥା କାହାରିକୁ ବୁଝାଇ କହିବାର ଆବଶ୍ୟକତା ନାହିଁ। ସରକାରୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନାହିଁ ନାହିଁର ରାଜତ୍ୱ। ପ୍ରଚାର ବ୍ୟତୀତ ସରକାର ବାସ୍ତବରେ ସାଧାରଣ ଲୋକଙ୍କୁ ବିନାମୂଲ୍ୟରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ କୌଣସି ଠୋସ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ସରକାରୀ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ବିସ୍ତାର ଆଳରେ କେବଳ କୋଠାବାଡି ନିର୍ମାଣ ଚାଲିଛି। ମାତ୍ର ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବାପାଇଁ ଆବଶ୍ୟକ ସଂଖ୍ୟକ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତ କରାଯାଉନାହିଁ। ଯେଉଁ ସାମାନ୍ୟ ନିଯୁକ୍ତି ଦିଆଯାଇଛି ସେସବୁ ହେଉଛି ଠିକା ଓ ଅସ୍ଥାୟୀ। ଏହାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି କଟକ ସହରରେ। କଟକସ୍ଥ ଶିଶୁଭବନର ସଂପ୍ରସାରଣ ପାଇଁ ୧୨୭ କୋଟି ଟଙ୍କା ବିନିମୟରେ ଏକ ବିଶାଳ ମହଲା କୋଠା ନିର୍ମାଣ କରାଯାଇଛି। ଏହି କୋଠାର ନିର୍ମାଣ କାର୍ଯ୍ୟ ୨୦୨୩ ମସିହାରୁ ଶେଷ ହୋଇଛି। ଏହା ମଧ୍ୟରେ ପ୍ରାୟ ୨ବର୍ଷ ବିତି ଯାଇଥିଲେ ମଧ୍ୟ ଏଠାରେ ରୋଗୀ ସେବା ଆରମ୍ଭ ହୋଇପାରିଲା ନାହିଁ। ସବୁଠାରୁ ଦୁଃଖର ବିଷୟ ଆଜି ପର୍ଯ୍ୟନ୍ତ ଏଠାରେ କାର୍ଯ୍ୟ କରିବା ପାଇଁ ଡାକ୍ତର, ନର୍ସ ବା ସହଯୋଗୀ କର୍ମଚାରୀ ନିଯୁକ୍ତି ଦିଆଯାଇ ପାରିଲା ନାହିଁ। ଏଥିରୁ ସ୍ପଷ୍ଟ ବୁଝାପଡେ ଶିଶୁ ସ୍ୱାସ୍ଥ୍ୟ ସେବା ପରି ଅତ୍ୟନ୍ତ ସଂବେଦନଶୀଳ ତଥା ଗୁରୁତ୍ୱପୂର୍ଣ୍ଣ ବିଷୟରେ ରାଜ୍ୟ ସରକାରଙ୍କର ଇଚ୍ଛା ଶକ୍ତି କେତେ ! ଗୋଟିଏ ପଟରେ ଶିଶୁମାନେ ଏହି ନବନିର୍ମିତ ଡାକ୍ତରଖାନାରେ ଯେଉଁ ଉନ୍ନତ ସ୍ୱାସ୍ଥ୍ୟସେବା ପାଇବା କଥା, ସେଥିରୁ ବଂଚିତ ହେଉଛନ୍ତି। ଅନ୍ୟପଟରେ ସାଧାରଣ ଜନତାଙ୍କଠାରୁ ଆଦାୟ ହୋଇଥିବା ଟ୍ୟାକ୍ସ ଅର୍ଥରେ ନିର୍ମିତ ଏହି ବିଶାଳ କୋଠାଟି ଭୂତଖାନାରେ ରୂପାନ୍ତରିତ ହେବାକୁ ଯାଉଛି। ଏହା ସରକାରୀ ସ୍ତରରେ ଏକ ଅପରାଧୀ ସୁଲଭ ଉପେକ୍ଷା ଛଡା ଆଉ କ'ଣ ହୋଇପାରେ ?

ପ୍ରତି ଜିଲ୍ଲାରେ ଗୋଟିଏ ଗୋଟିଏ ଜିଲ୍ଲା ସ୍ୱାସ୍ଥ୍ୟ ଚିକିତ୍ସାଳୟ ଅଛି। ଏହି ଚିକିତ୍ସାଳୟଗୁଡିକ ପ୍ରକୃତରେ ସରକାରୀ ସ୍ୱାସ୍ଥ୍ୟସେବାର ମେରୁଦଣ୍ଡ ହେବା କଥା, କିନ୍ତୁ ପ୍ରକୃତରେ ଏଗୁଡିକ ଆଜି ଦିନରେ ଗୋଟିଏ ଗୋଟିଏ ଶୂନ୍ୟ ମନ୍ଦିରରେ ରୂପାନ୍ତରିତ ହୋଇଛି। ଆବଶ୍ୟକ ସଂଖ୍ୟକ ଡାକ୍ତର, ନର୍ସ ବା ସ୍ୱାସ୍ଥ୍ୟକର୍ମୀ ନାହାନ୍ତି। ପରୀକ୍ଷା-ନିରୀକ୍ଷା କରିବାର ଉପକରଣର ଅଭାବ। ଯଦି କିଛି ଉପକରଣ ଅଛି ତେବେ ତାକୁ ଚଳାଇବା ପାଇଁ ଦକ୍ଷ ଲୋକ ନାହାନ୍ତି। ଅନ୍ୟପଟରେ ରୋଗୀ ଶଯ୍ୟାର ଅଭାବ। ତେଣୁ କୌଣସି ଗୁରୁତର ରୋଗୀଙ୍କୁ ଅଧିକ ଦିନ ରହି ଚିକିତ୍ସିତ ହେବାର ଆବଶ୍ୟକତା ଥିଲେ, ତାହା ଏଠାରେ ସଂପୂର୍ଣ୍ଣ ଅସମ୍ଭବ। ଏପରି ପରିସ୍ଥିତିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଗୁଡିକ କେବେ ଦିନବେଳେ କ୍ଲିନିକ ପରି କାର୍ଯ୍ୟ କରୁଛି ଏବଂ କୌଣସି ପ୍ରକାର ଗୁରୁତର ରୋଗୀ ଆସିଲେ ଏହା ଦୂରଦୂରାନ୍ତରେ ଥିବା ବଡ ଡାକ୍ତରଖାନାକୁ ନେଇଯିବାପାଇଁ ସୁପାରିଶ କରୁଛି। ଏହିଭଳି ସବଡିଭିଜନ୍ ସ୍ତରରେ ବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକର ଅବସ୍ଥା ଯେ କିଭଳି ଭୟାବହ, ସେକଥା ଯିଏ ଯାଉଛି ସେ ଅଙ୍ଗେ ନିଭାଇଛି। ତେଣୁ ବଡ ବଡ ସହରରେ ଥିବା ମେଡିକାଲ କଲେଜ, ହାସପାତାଳ ଗୁଡିକରେ ରୋଗୀଙ୍କର ପ୍ରବଳ ଭିଡ ଦେଖିବାକୁ ମିଳୁଛି। ତେଣୁ ଡାକ୍ତରଖାନାରେ ରୋଗୀମାନେ ବେଡ୍ ଖଣ୍ଡିଏ ପାଇଁ ହନ୍ତସନ୍ତ ହୋଇ ଅତ୍ୟନ୍ତ ଅମାନବୀୟ ଭାବେ ପିଣ୍ଡାରେ, ଖଟ କଡରେ ଚଟେଇ ପକାଇ ପଡି ରହୁଛନ୍ତି। ଦୂରଦୂରାନ୍ତରୁ ସହରକୁ ରୋଗୀଙ୍କୁ ଆଣିବା ଓ ସେଠାରେ ଦିନ ପରେ ଦିନ ରହିବା ପାଇଁ ସାଧାରଣ ଜନତା ମଧ୍ୟ ଖର୍ଚ୍ଚାନ୍ତ ହେଉଛନ୍ତି।

ଏହି ସରକାରୀ ମେଡିକାଲ କଲେଜ ହସପିଟାଲ ଗୁଡିକରେ ଡାକ୍ତର ଦେଖାଇବାଠାରୁ ଆରମ୍ଭକରି ବିଭିନ୍ନ ଟେଷ୍ଟ କରିବା, ତା'ର ରିପୋର୍ଟ ଆଣିବା, ସମସ୍ତ ସ୍ତରରେ ହିଁ ଲମ୍ବା ଲମ୍ବା ଧାଡିରେ ରୋଗୀମାନେ ହନ୍ତସନ୍ତ ହେବାର ଦୃଶ୍ୟ ଗୋଟିଏ ପ୍ରକାରର ଦେହସୁହା ହୋଇଗଲାଣି। ମେଡିକାଲ କଲେଜଗୁଡିକରେ ମଧ୍ୟ ପ୍ରଫେସର, ଆସୋସିଏଟ୍ ଏବଂ ଆସିଷ୍ଟାଣ୍ଟ ପ୍ରଫେସରର ପଦ ବହୁ ସଂଖ୍ୟାରେ ଖାଲି ପଡିଥିବାର ବିବରଣୀ ଖବର କାଗଜରେ ପ୍ରାୟ ପ୍ରକାଶିତ ହୁଏ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ପୃଷ୍ଠପୋଷକତାର ଅଭାବ ଏବଂ ଅନ୍ୟ ଦିଗରେ ଘରୋଇ ଡାକ୍ତରଖାନା ଗୁଡିକୁ ପ୍ରୋତ୍ସାହିତ କରିବାର ନୀତି ଫଳରେ ଯେମିତି ସରକାରୀ ସ୍ୱାସ୍ଥ୍ୟସେବା ଦିନକୁ ଦିନ ରଗ୍ଣ ହେବାକୁ ଲାଗିଛି ଅନ୍ୟ ପଟରେ ସାରା ଦେଶରେ ଘରୋଇ ଡାକ୍ତରଖାନାର ଜାଲ ଚାରିଆଡେ ଖେଳାଇ ହୋଇଯାଉଛି। ସର୍ବୋଚ୍ଚ ମୁନାଫା ଅର୍ଜନ କରିବାର ଏକମାତ୍ର ଲକ୍ଷ୍ୟରେ ପ୍ରତିଷ୍ଠିତ ଏହି ଘରୋଇ ଡାକ୍ତରଖାନା ଗୁଡିକ ରୋଗୀସେବାକୁ ମାତ୍ରାଧିକ ଭାବରେ ବ୍ୟୟବହୁଳ କରି ଦେଉଛନ୍ତି। ନିକଟରେ ପ୍ରକାଶିତ ଏକ ଖବର ମୁତାବକ ଗତବର୍ଷ କେବଳ ସ୍ୱାସ୍ଥ୍ୟସେବାରେ ହେଉଥିବା ଖର୍ଚ୍ଚକୁ ଆକଳନ କଲେ ଦେଖାଯାଉଛି ଯେ ଏ କ୍ଷେତ୍ରରେ ମୁଦ୍ରାସ୍ଫିତିର ହାର ହେଉଛି ଶତକଡା ୧୪ପ୍ରତିଶତ, ଯେତେବେଳେ କି ସାଧାରଣ ମୁଦ୍ରାସ୍ଫିତି ଏକକ ଅଙ୍କରେ ପ୍ରାୟ ୬ପ୍ରତିଶତରେ ରହିଛି। ଏହି ପରିମାପକ ଦର୍ଶାଉଛି ଯେ ଅନ୍ୟାନ୍ୟ ଜିନିଷର ଦରଦାମ ଯେଉଁ ପରିମାଣରେ ବୃଦ୍ଧି ପାଉଛି ତାର ତୁଳନାରେ ରୋଗୀ ସେବାପାଇଁ ଖର୍ଚ୍ଚ ଅନେକ ଗୁଣ ଅଧିକ ବୃଦ୍ଧି ପାଇଛି।

୨୦୧୮ ମସିହାରେ ଗୋଟିଏ 'ଆନ୍‌ଜିଓପ୍ଲାଷ୍ଟ' ବା ହୃଦୟନଳୀରେ ଷ୍ଟେଣ୍ଟ ଲଗାଇବା ପାଇଁ ୧ରୁ ୧.୫ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲା। ଆଜି ସେଥିପାଇଁ ୨ରୁ ୩ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଗୋଟିଏ କିଡନି ଟ୍ରାନ୍ସପ୍ଲାଣ୍ଟ କରିବାର ଖର୍ଚ୍ଚ ୨୦୧୮ ମସିହାରେ ୫ରୁ ୮ଲକ୍ଷ ଥିବାବେଳେ ୨୦୨୪ ମସିହାରେ ଏଥିପାଇଁ ପ୍ରାୟ ଦୁଇଗୁଣ ଅର୍ଥାତ୍ ୧୦ରୁ ୧୫ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ରୋଗୀସେବାରେ ହେଉଥିବା ଏହି ଖର୍ଚ୍ଚକୁ ଅନୁଶୀଳନ କରୁଥିବା ବିଶେଷଜ୍ଞମାନଙ୍କ ମତରେ ଆସନ୍ତା କିଛି ବର୍ଷ ମଧ୍ୟରେ ଏହି ଖର୍ଚ୍ଚ ଆହୁରି ଦୁଇଗୁଣ ବୃଦ୍ଧି ପାଇବ।

ଏହି ଅହେତୁକ ଦରବୃଦ୍ଧି ପଛରେ ଘରୋଇ ଡାକ୍ତରଖାନା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାମ କରୁଥିବା ଇନ୍‌ସୁରାନ୍‌ସ କମ୍ପାନୀଗୁଡିକର ମିଳିତ ହାତ ରହିଛି। ଯଦି କୌଣସି ସ୍ୱାସ୍ଥ୍ୟବୀମା କରିଥିବା ଲୋକ ଚିକିତ୍ସାପାଇଁ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୁଅନ୍ତି ତେବେ ଏହି ବୀମାର ସୁଯୋଗ ନେଇ ଡାକ୍ତରଖାନାଗୁଡିକ ତାଙ୍କର ଖର୍ଚ୍ଚକୁ ବହୁଗୁଣ ବଢାଇ ଦିଅନ୍ତି। ଅନ୍ୟପଟରେ ବୀମା କମ୍ପାନୀଗୁଡିକ ଏହି ଅର୍ଥକୁ ଭରଣା କରିବାପାଇଁ ଜନଗଣଙ୍କ ଉପରେ ଲାଗୁଥିବା ପ୍ରିମିୟମ୍ ବଢାଇ ଚାଲିଛନ୍ତି। ଗୋଟିଏ ଅନ୍ୟଟିର ପରିପୂରକ ହୋଇ ରୋଗୀସେବାକୁ ବ୍ୟୟବହୁଳ କରି ଦେଉଛନ୍ତି ଏବଂ ଜନଗଣଙ୍କୁ ଲୁଣ୍ଠନ କରୁଛନ୍ତି। ଖବର କାଗଜରେ ପ୍ରକାଶିତ ଗୋଟିଏ ଖବର ମୁତାବକ ଗତ ତିନି ବର୍ଷ ଭିତରେ ବୀମା କମ୍ପାନୀମାନେ ବୀମା ପ୍ରିମିୟମ ପରିମାଣ ୪୫୦ ପ୍ରତିଶତ ବୃଦ୍ଧି କରିଛନ୍ତି। ଅତ୍ୟନ୍ତ ଦୁଃଖର ବିଷୟ ସରକାରୀ କଳ ଏହି ଶୋଷଣ ଜାଲ ଉପରେ ଅଂକୁଶ ଲଗାଇବା ତ ଦୂରର କଥା ବରଂ ପ୍ରକାରାନ୍ତରେ ଜନଗଣଙ୍କୁ ଏହି ଘରୋଇ ଡାକ୍ତରଖାନା ଏବଂ ବୀମା କମ୍ପାନୀର ଶୋଷଣ ଜାଲରେ ଛନ୍ଦି ଦେଉଛନ୍ତି।

ଯଦି କାହାରି ଘରେ ୫ବର୍ଷରୁ କମ୍ ବୟସର ପିଲା ଅଛନ୍ତି ଅଥବା ବୟସ୍କ ଲୋକ ଅଛନ୍ତି ଅଥବା ଘରେ କେହି ଜଣେ ଲମ୍ବା ସମୟ ଧରି ଗୁରୁତର ରୋଗରେ ପୀଡିତ ଅଛନ୍ତି ତେବେ ସେହି ପରିବାରର ଆୟର ସିଂହଭାଗ ସ୍ୱାସ୍ଥ୍ୟସେବା ପାଇବା ପାଇଁ ହିଁ ବିନିଯୋଗ ହେଉଛି। ଏପରି ମଧ୍ୟ ଦେଖିବାକୁ ମିଳୁଛି ଯେ ହୁଏତ ଏହି ଖର୍ଚ୍ଚ ଭାରରେ ପରିବାରଟି ସର୍ବସ୍ୱାନ୍ତ ହେଉଛି କିମ୍ବା ବିନା ଚିକିତ୍ସାରେ ନିଜର ପ୍ରିୟଜନକୁ ହରାଉଛି। ଘରୋଇ ଡାକ୍ତରଖାନାଗୁଡିକରେ ଟଙ୍କା ନଦେଇ ପାରିବା ଫଳରେ ମୃତକଙ୍କ ମରଶରୀରକୁ ବନ୍ଧକ ରଖିବାର ଖବର ଏହି ପୁଞ୍ଜିପତି ବ୍ୟବସ୍ଥାରେ ସମାଜର ନଗ୍ନ ପ୍ରତିଛବିଟିକୁ ହିଁ ଟୋଳି ଧରୁଛି।

ଏହି ଅବସ୍ଥାର ପରିବର୍ତ୍ତନ ସମ୍ଭବ। ଏକ ଜନମଙ୍ଗଳକାରୀ ରାଷ୍ଟ୍ରରେ ନିଃଶୁଳ୍କ ସର୍ବୋତ୍କୃଷ୍ଟ ସ୍ୱାସ୍ଥ୍ୟସେବା ଏକ ମୌଳିକ ନାଗରିକ ଅଧିକାର। ଏହାକୁ ନିଶ୍ଚିତ କରିବାପାଇଁ ଆଗେଇ ଆସନ୍ତୁ। ତୃଣମୂଳ ସ୍ତରରୁ ଜନସ୍ୱାସ୍ଥ୍ୟ କମିଟି ଗଢିତୋଳନ୍ତୁ ଏବଂ ଜନଗଣଙ୍କର ମୌଳିକ ଅଧିକାର ପାଇବାର ଦାବିରେ ଆନ୍ଦୋଳନକୁ ମଜବୁତ କରନ୍ତୁ। ଏହା ହିଁ ଏକ ସୁସ୍ଥ ଚିକିତ୍ସା ବ୍ୟବସ୍ଥା ଗଢିତୋଳିବାର ଆଜିର ଦିନରେ ଏକମାତ୍ର ଗ୍ୟାରେଣ୍ଟି।

★★★

# ପଂଚମ ଏବଂ ଅଷ୍ଟମ ଶ୍ରେଣୀରେ ପାସ୍ ଫେଲ୍ ବ୍ୟବସ୍ଥାର ପୁନଃ ପ୍ରଚଳନ ଗଣ ଆନ୍ଦୋଳନର ଆଂଶିକ ବିଜୟ

ସଂପ୍ରତି କେନ୍ଦ୍ର ସରକାର ଶିକ୍ଷା ଅଧିକାର ଆଇନରେ ପରିବର୍ତ୍ତନ ଆଣି ପଂଚମ ଏବଂ ଅଷ୍ଟମ ଶ୍ରେଣୀରେ ପାସ୍ ଫେଲ୍ ବ୍ୟବସ୍ଥା ସମସ୍ତ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ଗୁଡିକରେ ପୁନଃ ପ୍ରଚଳନ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ୨୦୧୦ ମସିହାରୁ ଲଗାତର ସଂଗଠିତ ହୋଇ ଆସୁଥିବା ଗଣ ଆନ୍ଦୋଳନର ଏହା ଆଂଶିକ ବିଜୟ।

ଏଠାରେ ସୂଚନା ଯୋଗ୍ୟ ତତ୍କାଳୀନ କଂଗ୍ରେସ ସରକାର ୨୦୦୯ ମସିହା ଅଗଷ୍ଟ ୨୬ତାରିଖ ଦିନ "ଶିକ୍ଷା ଅଧିକାର ଆଇନ ୨୦୦୯" (The Right of Children to Free and Compulsory Education Act 2009)କୁ ପାର୍ଲାମେଣ୍ଟରେ ଗୃହୀତ କରାଇ ଆଇନରେ ପରିଣତ କରିଥିଲା। ଏହି ଆଇନକୁ ୨୦୧୦ ଏପ୍ରିଲ୍ ପହିଲା ଠାରୁ ସାରା ଦେଶରେ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେତେବେଳେ ଏହି ଆଇନକୁ ଐତିହାସିକ ଆଖ୍ୟା ଦିଆଯାଇ କୌଣସି ପିଲା ଅଧାରୁ ପାଠ ଛାଡିବେ ନାହିଁ ଏବଂ ୧୪ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲା ମାଗଣା ଓ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ପାଇବେ ବୋଲି ବହୁ ତୁମ୍ବିତୋଫାନ କରାଯାଇଥିଲା। ଆହୁରି ମଧ୍ୟ ସେତେବେଳେ କୁହାଗଲା କୁଆଡେ ସ୍କୁଲ ସ୍ତରରେ ପରୀକ୍ଷା କରିବା ଦ୍ୱାରା ପିଲାମାନେ ଚାପଗ୍ରସ୍ତ ହୋଇ ଅଧାରୁ ପାଠ ଛାଡୁଛନ୍ତି ଏବଂ କିଛି କିଛି ସ୍କୁଲେ ବିଷାଦଗ୍ରସ୍ତ ହୋଇ ଆତ୍ମହତ୍ୟା କରୁଛନ୍ତି। ସେଥିପାଇଁ ଶିକ୍ଷା ଅଧିକାର ଆଇନ ଜରିଆରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବାର୍ଷିକ ପରୀକ୍ଷା ବ୍ୟବସ୍ଥା (ଶିକ୍ଷା ଅଧିକାର ଆଇନ ୨୦୦୯, ଧାରା ୩୦.୧)କୁ ଉଚ୍ଛେଦ କରି ନୋ ଡିଟେନ୍‌ସନ ପଲିସି ଲାଗୁ କରାଗଲା ବୋଲି ସରକାରଙ୍କ ପକ୍ଷରୁ ଦୃଢୋକ୍ତି ପ୍ରକାଶ ପାଇଥିଲା। ମାତ୍ର ଏହି ଆଇନ ଯେ ମହାକାଳ ବିଷ ସଦୃଶ ଏହା ଲାଗୁ କରାଯିବାର ଅଳ୍ପ କିଛି ବର୍ଷ ମଧ୍ୟରେ ଆମେ ସମସ୍ତେ ମର୍ମେ ମର୍ମେ ଅଙ୍ଗେ ନିଭାଉଛନ୍ତି।

ସମସ୍ତଙ୍କୁ ଶିକ୍ଷା ଦେବା ନାଁରେ ବସ୍ତୁତଃ ଶିକ୍ଷା ପାଇବାର ଅଧିକାରକୁ ଆହୁରି ସଂକୁଚିତ କରାଯିବା ସହିତ ଗୁଣଗତ ଦିଗରୁ ଯାହା ବି କିଛି ଜ୍ଞାନ ଅର୍ଜନର ଭିତ୍ତି ଥିଲା ତାହା ସଂପୂର୍ଣ୍ଣ ଧ୍ୱଂସ କରାଯାଇଛି। ଶିକ୍ଷା କ୍ଷେତ୍ରରେ କାମ କରୁଥିବା ଗୋଟିଏ ବେସରକାରୀ ସଂସ୍ଥା(ପ୍ରଥମ)ର ରିପୋର୍ଟ ଅନୁଯାୟୀ ୫ମ ଶ୍ରେଣୀ ପଢୁଥିବା ଶତକଡ଼ା ୪୮.୨ ପିଲା ୨ୟ ଶ୍ରେଣୀର ପାଠ ଜାଣନ୍ତି ନାହିଁ । ୮ମ ଶ୍ରେଣୀରେ ପଢୁଥିବା ପିଲାମାନଙ୍କ ମଧ୍ୟରୁ ଶତକଡ଼ା ୨୫ଭାଗ ପିଲା ୨ୟ ଶ୍ରେଣୀ ବହି ପଢ଼ି ପାରୁନାହାଁନ୍ତି। ୮ମ ଶ୍ରେଣୀରେ ପଢୁଥିବା ଶତକଡ଼ା ୭୬ଭାଗ ଛାତ୍ରଛାତ୍ରୀମାନଙ୍କର ସାମଗ୍ରିକ ପାଠପଢା ଦକ୍ଷତା ୨ୟ ଶ୍ରେଣୀ ପିଲାଙ୍କ ସହିତ ସମାନ। ତୃତୀୟ ଶ୍ରେଣୀରେ ପଢୁଥିବା ଶତକଡା ୪୯ ଭାଗ ପିଲା ଦୁଇ ଅଙ୍କ ବିଶିଷ୍ଟ ଫେଡାଣ ଜାଣି ନାହାନ୍ତି। ୨୦୧୮ ରିପୋର୍ଟ ଅନୁଯାୟୀ ୫ମ ଶ୍ରେଣୀରେ ପଢୁଥିବା ଶତକଡା ୭୨.୨ପିଲା ହରଣ ଜାଣନ୍ତି ନାହିଁ। ଏପରିକି ସିଏବିଇ(Central Advisory Board of Education)ର ତଥ୍ୟ ଅନୁଯାୟୀ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାସ୍-ଫେଲ୍ ବ୍ୟବସ୍ଥା ଉଚ୍ଛେଦ କରାଯିବା ଫଳରେ +୨ ଶ୍ରେଣୀରେ ଅଧିକ ସଂଖ୍ୟାରେ ଛାତ୍ରଛାତ୍ରୀ ଫେଲ୍ ହେଉଛନ୍ତି ଏବଂ +୨ରେ ଆତ୍ମହତ୍ୟାର ପ୍ରବଣତା ପୂର୍ବାପେକ୍ଷା ବୃଦ୍ଧି ପାଇଛି। ଅର୍ଥାତ୍ ପରୀକ୍ଷା ତାଗିଦ୍‌ରେ ଛାତ୍ରଛାତ୍ରୀମାନେ ଯାହା ବି କିଛି ପଢୁଥିଲେ ପରୀକ୍ଷା ଉଚ୍ଛେଦ ଦ୍ୱାରା ତାହା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଛି । ବିନା ପରୀକ୍ଷାରେ, ବିନା ପାଠପଢାରେ ବିନା ପରିଶ୍ରମରେ ଗୋଟିଏ ପରେ ଗୋଟିଏ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇ ଯେତେବେଳେ ଦଶମ ଶ୍ରେଣୀରେ ଏବଂ +୨ରେ ଛାତ୍ରଛାତ୍ରୀମାନେ ଜଟିଳ ପରୀକ୍ଷା ଦେଉଛନ୍ତି ସେତେବେଳେ ଫେଲ୍ ହେବା ସ୍ୱାଭାବିକ। ଏଥିପାଇଁ ୨୦୧୫ ମସିହାରେ ଖୋଦ୍ ପାର୍ଲାମେଣ୍ଟାରୀ ଷ୍ଟାଣ୍ଡିଙ୍ଗ କମିଟି ଏବଂ ୨୦୧୬ ମସିହାରେ ପାସ ଫେଲ ବ୍ୟବସ୍ଥା ଉଚ୍ଛେଦର ମାରାତ୍ମକ ପରିଣାମକୁ ସିଏବିଇ ସ୍ୱୀକାର କରି ଏହାକୁ ପୁନଃ ପ୍ରଚଳନ ପାଇଁ ଏକ ପ୍ରସ୍ତାବ ଗୃହୀତ କରାଇଥିଲା।

ଶିକ୍ଷା ଅଧିକାର ଆଇନ ଲାଗୁ ହେବାଦ୍ୱାରା ଏହିଭଳି ନିଶ୍ଚିତ ଭୟାବହତାକୁ ଅନୁଭବ କରି ୨୦୧୦ ମସିହା ପରଠାରୁ ଭାରତବର୍ଷର ଏକମାତ୍ର ବିପ୍ଳବୀ ଛାତ୍ର ସଂଗଠନ ଏଆଇଡିଏସ୍‌ଓ, ସାରା ଭାରତ ଶିକ୍ଷା ବଂଚାଅ କମିଟି ଏବଂ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଉଦ୍ୟୋଗରେ ପାସ୍-ଫେଲ ବ୍ୟବସ୍ଥା ପୁନଃ ପ୍ରଚଳନ ଦାବିରେ ଲଗାତର ଆନ୍ଦୋଳନ ସଂଗଠିତ ହୋଇଆସୁଛି। ଶେଷରେ ୨୦୧୯ ମସିହାରେ କେନ୍ଦ୍ର ସରକାର ଶିକ୍ଷା ଅଧିକାର ଆଇନ ୨୦୦୯ ରେ ପରିବର୍ତ୍ତନ ଆଣି ପଂଚମ ଏବଂ ଅଷ୍ଟମ ଶ୍ରେଣୀରେ ପାସ୍-ଫେଲ ବ୍ୟବସ୍ଥା ପୁନଃ ପ୍ରଚଳନ କରିବା ପ୍ରସ୍ତାବ ପାର୍ଲାମେଣ୍ଟରେ ଗୃହୀତ କରାଇଥିଲେ। ମାତ୍ର ଇତିମଧ୍ୟରେ ୫ବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ସେହିଭଳି ତତ୍ପରତା ଦେଖିବାକୁ ମିଳିନଥିଲା। ଶେଷରେ ଆନ୍ଦୋଳନ ଚାପରେ କେନ୍ଦ୍ର ସରକାର ଗତ ଡିସେମ୍ବର ୨୩ତାରିଖ ଦିନ ସମସ୍ତ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନରେ ପଂଚମ ଏବଂ ଅଷ୍ଟମ ଶ୍ରେଣୀରେ ବାର୍ଷିକ ପରୀକ୍ଷା ସହ ପାସ୍-ଫେଲ ବ୍ୟବସ୍ଥା ପୁନଃ ପ୍ରଚଳନ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। କୌଣସି ପିଲା ଫେଲ ହେଲେ ୨ମାସ ଭିତରେ ପୁନଃ ପରୀକ୍ଷା ଦେଇ କୃତକାର୍ଯ୍ୟ ହେବା ପାଇଁ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ଏହା ଚାଲିଥିବା ଗଣ ଆନ୍ଦୋଳନର ଆଂଶିକ ବିଜୟ।

ପାଠପଢା ସହିତ ପରୀକ୍ଷା ବ୍ୟବସ୍ଥା ହେଉଛି ଅବିଚ୍ଛେଦ୍ୟ ଅଙ୍ଗ। କୌଣସି କାରଣ ଦର୍ଶାଇ ଏହାକୁ ଲଘୁ କରିବା ଅର୍ଥ ପିଲାମାନଙ୍କ ପଠନ, ପାଠନ ବ୍ୟବସ୍ଥାକୁ ସଂପୂର୍ଣ୍ଣ ଧ୍ୱଂସ କରିବା। କେବଳ କାଗଜ କଲମରେ ପିଲାମାନଙ୍କ ଉପସ୍ଥାନ ଦେଖାଇ ଗଣମାଧ୍ୟମରେ ଗର୍ଜନ ତର୍ଜନ କରି କାମ ସାରି ଦେବା ସହ ସମାନ। ମାତ୍ର ପ୍ରକୃତ ଚିତ୍ର ଯେ କେତେ ଭୟଙ୍କର ତାହା ଆଜି ଜନଗଣ ହାଡେ ହାଡେ ଅନୁଭବ କରୁଛନ୍ତି। ସେଥିପାଇଁ ଆଉ କାଳବିଳମ୍ବ ନକରି କେବଳ ପଂଚମ ଏବଂ ଅଷ୍ଟମ ଶ୍ରେଣୀରେ ନୁହେଁ ପ୍ରଥମ ଶ୍ରେଣୀରୁ ପାସ୍-ଫେଲ ବ୍ୟବସ୍ଥା ପୁନଃ ପ୍ରଚଳନ କରିବା ସହ ସମସ୍ତ ପ୍ରକାର ଶିକ୍ଷା ଭିତ୍ତିଭୂମିର ବ୍ୟବସ୍ଥା କରିବା, ଖାଲି ପଡିଥିବା ଶିକ୍ଷକ ପଦବୀ ଗୁଡିକୁ ତୁରନ୍ତ ପୂରଣ କରିବା ପାଇଁ ଦୃଢ ଦାବି ଜନଗଣଙ୍କ ପକ୍ଷରୁ କରାଯାଉଛି। ★★★

Regd.No-ORI ORI/2011/37220 • VOL.NO. 12, ISSUE NO. 01 • ମୂଲ୍ୟ-୫ଟଙ୍କା

# ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ତୁରନ୍ତ କ୍ଷତିପୂରଣ ଦାବିରେ ଏଆଇକେକେଏମ୍ଏସ୍ ପକ୍ଷରୁ ରାଜ୍ୟବ୍ୟାପୀ କାର୍ଯ୍ୟକ୍ରମ


















ଅଦିନିଆ ବର୍ଷାରେ ରାଜ୍ୟର ପ୍ରାୟ ୧୫ଟି ଜିଲ୍ଲାର ଚାଷୀ ହାହାକାର କରୁଥିଲା ବେଳେ ସରକାର ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ମିଛ ପ୍ରଚାରରେ ମାତିବାରୁ ଅଲ ଇଣ୍ଡିଆ କିସାନ କ୍ଷେତ ମଜଦୁର ସଂଗଠନ (ଏଆଇକେକେଏମ୍ଏସ୍) ପକ୍ଷରୁ କ୍ଷତିଗ୍ରସ୍ତ ଚାଷୀ ଓ ଭାଗଚାଷୀମାନଙ୍କୁ ଏକର ପିଛା ୩୦,୦୦୦ଟଙ୍କା କ୍ଷତିପୂରଣ ଦେବା, ଆତ୍ମହତ୍ୟା କରିଥିବା ଚାଷୀମାନଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ କରିବା ଏବଂ ତାଙ୍କ ପରିବାରର ଜଣଙ୍କୁ ସରକାରୀ ଚାକିରୀ ଦେବା, ଜଳକର ଓ କୃଷିରଣ ଛାଡ କରିବା ଦାବିରେ ସମଗ୍ର ରାଜ୍ୟରେ ଆନ୍ଦୋଳନ ପାଇଁ ଆହ୍ୱାନ ଦିଆଯାଇଥିଲା। ଏହି ଆହ୍ୱାନ ଅନୁଯାୟୀ ଡିସେମ୍ବର ୨୬ ତାରିଖରେ ସତ୍ୟବାଦୀ ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭରେ ସଂଗଠନର ପୁରୀ ବ୍ଲକ୍ ସଭାପତି କମ୍ରେଡ୍ ଦିନବନ୍ଧୁ ପରିଡା, ସତ୍ୟବାଦୀ ବ୍ଲକ୍ ସଭାପତି କମ୍ରେଡ୍ ଶ୍ୟାମସୁନ୍ଦର ମହାପାତ୍ର, ହାଡିବନ୍ଧୁ ବେହେରା ଓ ବରିଷ୍ଠ ଚାଷୀନେତା ବଟକୃଷ୍ଣ ସ୍ୱାଇଁଙ୍କ ସମେତ ଶତାଧିକ ଚାଷୀ ଯୋଗ ଦେଇଥିଲେ ଏବଂ ତହସିଲଦାରଙ୍କୁ ୪ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଡେଲାଙ୍ଗ ତହସିଲ ସମ୍ମୁଖରେ ମଧ ୪ଦଫା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅନୁଗଳ ଜିଲ୍ଲାପାଳଙ୍କୁ ସଂଗଠନ ପକ୍ଷରୁ ଏହି ଦାବିରେ ଦାବିପତ୍ର ଦିଆଯାଇଛି। କମ୍ରେଡ୍ ସୁବାସ ପ୍ରଧାନ ଓ ସଂଜୟ ସାହୁ ଅନୁଗୁଳଠାରେ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ନେତୃତ୍ୱ ନେଇଥିଲେ। ସେହିଭଳି ସଂଗଠନର ନାଉଗାଁ ବ୍ଲକ୍ କମିଟି ଉଦ୍ୟୋଗରେ ଧାନ ଓ ପରିବା ଚାଷୀଙ୍କୁ ଏକର ପିଛା ୨୦ ହଜାର ଟଙ୍କା କ୍ଷତିପୂରଣ ଦେବା, କୃଷିରଣ ଓ ଜଳକର ଛାଡ କରିବା, ସ୍ୱାମୀନାଥନ କମିଶନର ସୁପାରିସ୍ ଅନୁଯାୟୀ ଫସଲର ସର୍ବନିମ୍ନ ସହାୟକ ଦର ଧାର୍ଯ୍ୟକରିବା, ସ୍ଥାନୀୟ ବାଉଁଶ ଯୋଡି ପାଟର କ୍ଷତିଗ୍ରସ୍ତ ବିରି ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବା ଦାବିରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଂଗଠନର ରାଜ୍ୟ କମିଟି ସଦସ୍ୟ କମ୍ରେଡ୍ ସୁବାସ ସ୍ୱାଇଁ, ନାଉଗାଁ ବ୍ଲକ୍ କମିଟି ସଭାପତି କମ୍ରେଡ୍ ବସନ୍ତ ମଲ୍ଲିକ, ମହେଶ୍ୱର ଦାସ, ରଘୁନାଥ ଦାସ, କବୀର ବିଶ୍ୱାଳ, ବଂଶୀଧର ବେହେରା, ସୁରେଶ ବେହୁରା, ରମେଶ ବେହୁରା, ପ୍ରତାପ ବେହୁରା ପ୍ରମୁଖ ପ୍ରତିନିଧି ଦଳରେ ଯାଇ ବାଲିକୁଦା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କମ୍ରେଡ୍ ସୁବାସ ସ୍ୱାଇଁ ବଂଶୀଧର ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ନେତୃତ୍ୱ ନେଇଥିଲେ। ସେହିଭଳି ବିରିଡି ତହସିଲଦାରଙ୍କୁ ମଧ ଦାବିପତ୍ର ପ୍ରଦାନ କରାଯାଇଛି। କମ୍ରେଡ୍ ରାଜକିଶୋର ମଲ୍ଲିକ, ରମେଶ ଭୋଇ, ଅଭିମନ୍ୟୁ ଭୋଇ, କରୁଣାକର ବେହେରା, ଅଦ୍ୱୈତ ଜେନା, ଆଲୋକ ଭୋଇ, ଗୋପୀନାଥ ନାୟକ, ରମେଶ ନାୟକ ଓ ବୀରକିଶୋର ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ନେତୃତ୍ୱ ଦେଇଥିଲେ। କଟକ ଜିଲ୍ଲାର କିଶୋରନଗର ତହସିଲଦାର ଓ ବାରଙ୍ଗ ବ୍ଲକ୍‌ର ବିଡିଓଙ୍କ ଜରିଆରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦାବିରେ ଦାବିପତ୍ର ପ୍ରଦାନ କରାଯାଇଛି। କମ୍ରେଡ୍ ମାଳବିକା ସାମଲ, ସିଦ୍ଧାର୍ଥ ରଥ, ଅଶୋକ ବେହେରା, ଭାଗ୍ୟଶ୍ରୀ ପ୍ରଧାନ, ରାଜେଶ ରାଉତ, ରାଜକିଶୋର ମଲ୍ଲିକ, ବୁଦ୍ଧଦେବ ଭୋଇ, ଭାଗିରଥି ଭୋଇ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ନେତୃତ୍ୱ ନେଇଥିଲେ।

## ଫସଲ ହାନିର କ୍ଷତିପୂରଣ, ଦରଦାମ ହ୍ରାସ, ବିଦ୍ୟୁତ ଶୁଳ୍କ ବୃଦ୍ଧି ଉଦ୍ୟମ ବନ୍ଦ ଦାବିରେ ଏସ୍ୟୁସିଆଇ(ସି)ର ବିକ୍ଷୋଭ




ଅଦିନିଆ ବର୍ଷା ଜନିତ ଫସଲ ହାନୀର ଶିକାର ହୋଇଥିବା ଚାଷୀ ଓ ଭାଗଚାଷୀ ମାନଙ୍କୁ ଏକର ପିଛା ଅତି କମରେ ୩୦ ହଜାର ଟଙ୍କା କ୍ଷତିପୂରଣ ଦେବା, ଏଥିପାଇଁ ଫସଲ ହାନୀର ଉପଯୁକ୍ତ, ବ୍ୟାପକ ଓ ନିରପେକ୍ଷ ଯାଂଚ କରି ତୁରନ୍ତ କ୍ଷତି ପୂରଣ ପ୍ରଦାନର ବ୍ୟବସ୍ଥା କରିବା, କ୍ଷତିଗ୍ରସ୍ତ ଚାଷୀ ମାନଙ୍କର ଜଳକର ଓ ଋଣ ଛାଡ଼ କରିବା, ପ୍ରତି ମୃତ ଚାଷୀ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ତଥା ପରିବାରର ଜଣଙ୍କୁ ସ୍ଥାୟୀ ସରକାରୀ ଚାକିରି ଦେବା,ଖାଦ୍ୟ ସାମଗ୍ରୀ ସମେତ ନିତ୍ୟବ୍ୟବହାର୍ଯ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ରୋକିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ କରିବା, ସମଗ୍ର ବିଦ୍ୟୁତ୍ କ୍ଷେତ୍ରକୁ ସରକାର ତୁରନ୍ତ ହାତକୁ ନେବା, ପ୍ରିପେଡ୍ ସ୍ମାର୍ଟ ମିଟର ବସାଇବା ନିଷ୍ପତ୍ତି ତୁରନ୍ତ ବନ୍ଦ କରି ଦ୍ୱିତୀୟ ଥର ପାଇଁ ସିକ୍ୟୁରିଟି ଡିପୋଜିଟ ଆଦାୟ କୁ ସରକାର ତୁରନ୍ତ ନିଷିଦ୍ଧ ଘୋଷଣା କରିବା, ବର୍ତ୍ତମାନ ବିଦ୍ୟୁତ ଶୁଳ୍କ ବୃଦ୍ଧି ପାଇଁ ଚାଲିଥିବା ଯୋଜନା ବନ୍ଦ କରିବା ଦାବିରେ ଡିସେମ୍ବର ୩୦ ତାରିଖରେ ଏସ୍ୟୁସିଆଇ(ସି) କଟକ ଜିଲ୍ଲା କମିଟିର ଡାକରାରେ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଏସ୍ୟୁସିଆଇ(ସି) ଜିଲ୍ଲା ସଂପାଦକ ବିଶ୍ୱାବସୁ ଦାସଙ୍କ ପରିଚାଳନାରେ ରାଜ୍ୟ କମିଟି ସଦସ୍ୟ ଶିବାଶିଷ ପ୍ରହରାଜ, ଜିଲ୍ଲା କମିଟି ସଦସ୍ୟ ଖଗେଶ୍ୱର ସେଠୀ, ବସନ୍ତ ନାୟକ, ରାଜକିଶୋର ମଲ୍ଲିକ, ବବି ବଳବନ୍ତ ରାୟ, ସିଦ୍ଧାର୍ଥ ରଥ, ମାଳବିକା ସାମଲ, ସୌଭାଗ୍ୟ ସାମଲ, ଦିପକ ଦାସ, ବିନୋଦ ସେଠୀ, ତରୁଣସେନ ନାୟକ, ଈଶା ଧର, ସଦସ୍ୟ ଶୋଭା ଦେହୁରୀ, ସିପ୍ରା ମହାନ୍ତି, ଶିବାନୀ ସାହୁ, ଶୁଭସ୍ମିତା ସାହୁ, ଅଶୋକ ବେହେରା, ଅକ୍ଷୟ ରାଉଳ, ପ୍ରତାପ ମିଶ୍ର, ଜୋସ୍ନା ଦାସ, ଭାଗ୍ୟଶ୍ରୀ ପ୍ରଧାନ, ରାଜେଶ ରାଉତ, ଝରଣା ଦାସ, ସଂଜୀବ ଜେନା, ବିରେନ ପାଇଟାଲ ପ୍ରମୁଖ ବିକ୍ଷୋଭ ନେତୃତ୍ୱ ନେଇଥିଲେ।

## ଏସୟୁସିଆଇ(ସି)ର ବରିଷ୍ଠ ସଦସ୍ୟ କମ୍ରେଡ ଲକ୍ଷ୍ମୀଧର ମହାନ୍ତିଙ୍କ ସ୍ମରଣ ସଭା




ଏସ୍ୟୁସିଆଇ(ସି) ଜିଲ୍ଲା କମିଟିର ବରିଷ୍ଠ ସଦସ୍ୟ ତଥା ଏଆଇୟୁଟିୟୁସି କଟକ ଜିଲ୍ଲା କମିଟିର ପୂର୍ବତନ ସଭାପତି ଲକ୍ଷ୍ମୀଧର ମହାନ୍ତିଙ୍କ ସ୍ମରଣ ସଭା ଡିସେମ୍ବର ୨୨ ତାରିଖରେ ଗାନ୍ଧି ଭବନ ଠାରେ ଅନୁଷ୍ଠିତ ହୋଇଥିଲା। ଏସ୍ୟୁସିଆଇ(ସି) କଟକ ଜିଲ୍ଲା ସଂପାଦକ ବିଶ୍ୱାବସୁ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସ୍ମରଣ ସଭାରେ ଏସ୍ୟୁସିଆଇ(ସି) କେନ୍ଦ୍ରୀୟ କମିଟି ସଦସ୍ୟ ତଥା ଓଡ଼ିଶା ରାଜ୍ୟ ସଂପାଦକ କମ୍ରେଡ ଶଙ୍କର ଦାସଗୁପ୍ତ, କେନ୍ଦ୍ରୀୟ କମିଟି ସଦସ୍ୟ କମ୍ରେଡ ଦ୍ୱାରିକାନାଥ ରଥ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ଛବି ମହାନ୍ତି ଯୋଗଦେଇ ଥିଲେ। ସଭାର ପ୍ରାରମ୍ଭରେ କମ୍ରେଡ ମହାନ୍ତିଙ୍କ ଫଟୋରେ ମାଲ୍ୟାର୍ପଣ କରାଯିବାରେ ମହାନ ନେତା ତଥା ଦଳର ପ୍ରତିଷ୍ଠାତା ସାଧାରଣ ସମ୍ପାଦକ କମ୍ରେଡ ଶିବଦାସ ଘୋଷଙ୍କ ଉପରେ ରଚିତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହାପରେ ଜିଲ୍ଲା କମିଟି ସଦସ୍ୟ କମ୍ରେଡ ବବି ବଳବନ୍ତରାୟ ପ୍ରୟାତ ଲକ୍ଷ୍ମୀଧର ମହାନ୍ତିଙ୍କ ଉପରେ ଜିଲ୍ଲା କମିଟିର ଶୋକ ପ୍ରସ୍ତାବ ପାଠ କରିଥିଲେ ଏବଂ ତାଙ୍କ ସ୍ମୃତିରେ ଏକ ମିନିଟ ନିରବତା ପାଳନ କରାଯାଇଥିଲା। ଏହି ସ୍ମରଣ ସଭାରେ ଦଳର ନେତୃବୃନ୍ଦଙ୍କ ବ୍ୟତୀତ ମହାନଗର ନାଗରିକ ମଂଚର ଆବାହକ ଚିତ୍ତରଞ୍ଜନ ମହାନ୍ତି, ଯୁଗଳ କିଶୋର ନାୟକ, ଆଇନଜୀବୀ ସୁକାନ୍ତ ନାୟକ, ବିଜୟ ରାଉତରାୟ, କ୍ଷୀରୋଦ ରାଉତ, ଶ୍ୟାମସୁନ୍ଦର ଦାସ, ପ୍ରଭାତ ଦାସ, ଶର୍ମିଷ୍ଠା ନାଥ ପ୍ରମୁଖ କମ୍ରେଡ ଲକ୍ଷ୍ମୀଧର ମହାନ୍ତିଙ୍କ ସ୍ମୃତି ଚାରଣ କରିଥିଲେ। ଦଳର ରାଜ୍ୟ କମିଟି ସଦସ୍ୟ ତଥା ଏଆଇଡିଏସ୍‌ଓର ସର୍ବଭାରତୀୟ ସାଧାରଣ ସମ୍ପାଦକ ଶିବାଶିଷ ପ୍ରହରାଜ, ଜିଲ୍ଲା କମିଟି ସଦସ୍ୟ ବସନ୍ତ ନାୟକ, ରାଜକିଶୋର ମଲ୍ଲିକ, ସିଦ୍ଧାର୍ଥ ରଥ , ମାଳବିକା ସାମଲ,ଭାଗ୍ୟରବି ଦାସ, ଦୀପକ ଦାସ ପ୍ରମୁଖଙ୍କ ସମେତ ଦଳର ଶତାଧିକ କର୍ମୀ ସମର୍ଥକ ଏହି ସଭାରେ ଉପସ୍ଥିତ ଥିଲେ । ଶେଷରେ ଅଫିସ ସଂପାଦକ ଖଗେଶ୍ୱର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଆନ୍ତର୍ଜାତିକ ସଙ୍ଗୀତ ପରିବେଷଣ ପରେ ସଭା ଶେଷ ହୋଇଥିଲା।

★★★

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das